RESURGENT PEOPLE'S DAILY
THE UTKAL MAIL
ଉତ୍କଳ ମେଲ
SIMULTANEOUSLY PUBLISHED FROM BHUBANESWAR & ROURKELA
ପ୍ରତିଷ୍ଠାତା ସଂପାଦକ: ଶ୍ରୀ ପିତବାସ ମିଶ୍ର
ରାଉରକେଲା, ଭୁବନେଶ୍ୱର ଓ ପାରାଦୀପରୁ ଏକ ସଙ୍ଗେ ପ୍ରକାଶିତ
"ଈଶ୍ୱରଙ୍କ ଛଡା ଆମେ ଆଉ କାହାକୁ ଡରୁନା"
For E-paper & website visit : www.utkalmailtv.com

ବର୍ଷ ୩୪, ସଂଖ୍ୟା ୩୨ | ଭୁବନେଶ୍ୱର ଶୁକ୍ରବାର ୦୩ ଫେବୃଆରୀ ୨୦୨୩ | Bhubaneswar Friday 03 February 2023 | R.N.I. No. 48307/90 | Po. Rgn. OR/BN-28/09-11 | ମୂଲ୍ୟ ଟ. ୨/- ପୃଷ୍ଠା-୮

## ଫେବୃଆରୀ ମାସ ପାଇଁ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ

ବଲାଙ୍ଗିର, ୦୨/୦୨- ଫେବୃଆରୀ ମାସ ପାଇଁ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ତଦନୁସାରେ ୧୩ ତାରିଖରେ ଆଗଲପୁର ବ୍ଲକ ଅନ୍ତର୍ଗତ ଝରଣିପାଲି ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ, ୨୦ ତାରିଖରେ ବେଲପଡା ବ୍ଲକ ଅନ୍ତର୍ଗତ ବେହେରାମୁଣ୍ଡା ଗ୍ରାମପଂଚାୟତର ଧୂଙ୍ଗିଆମୁଣ୍ଡା ଠାରେ, ୨୭ ତାରିଖରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ଦେଉଳଗୁଡି ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଂଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ବିଭାଗୀୟ ଷ୍ଟଲ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବା ।

## କୋରୁକୋଣ୍ଡାରେ ଗ୍ରାମ୍ୟ ନ୍ୟାୟାଳୟ ଉଦଘାଟିତ

ମାଲକାନଗିରି, ୦୨/୦୨- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମାରେ ପ୍ରତିଷ୍ଠା ହୋଇଥିବା ଗ୍ରାମ ନ୍ୟାୟାଳୟକୁ ହାଇକୋର୍ଟର ପ୍ରଧାନ ବିଚାରପତି ଡଃ. ଏସ୍ ମୁରଲୀଧର ପ୍ରଥମ ଥର ପାଇଁ ଆଭାସି ମାଧ୍ୟମରେ ଉଦଘାଟନ କରିଛନ୍ତି । ପ୍ରଧାନ ବିଚାରପତି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ବର୍ତ୍ତମାନ କୋରୁକୋଣ୍ଡା ବ୍ଲକର ଜନସାଧାରଣ ନ୍ୟାୟର ଅଭିଜ୍ଞତା ସହଜରେ ଜାଣିପାରିବେ । ଏହି ନ୍ୟାୟାଳୟ ଖୋଲିବା ଦ୍ୱାରା କୋରୁକୋଣ୍ଡାର ଜନସାଧାରଣ ଯଥାଶୀଘ୍ର ନ୍ୟାୟ ପାଇବା ପାଇଁ ଏକ ସୁଯୋଗ ପାଇବେ ଏବଂ ଏହି ଗ୍ରାମ ନ୍ୟାୟାଳୟ ଦ୍ୱାରା ସେମାନେ ବହୁ ଉପକୃତ ହେବେ ।ଏହି ଉଦଘାଟନୀ ସମାରୋହରେ ହାଇକୋର୍ଟର ବିଚାରପତି ଶ୍ରୀ ଏମ ଏସ ରମଣ, ଜିଲ୍ଲା ବିଚାରପତି ଶ୍ରୀମତୀ ଅଜନ୍ତା ଷଡ଼ଙ୍ଗୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ, ଅତିରିକ୍ତ ଜିଲ୍ଲା ବିଚାରପତି ଉଦୟଭାନୁ ଜେନା, ମୁଖ୍ୟ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସତ୍ୟପ୍ରିୟ ଦାସ, ବରିଷ୍ଠ ସିଭିଲ ଜର୍ଜ ବିଜୟ କୁମାର ଦାସ, ରେଜିଷ୍ଟ୍ରାର ଅନୁପ ନାୟକ, ଏସଡିଜିଏମ ରୁଦ୍ର ପ୍ରକାଶ ନାୟକ, ଡିଏଲ୍ଏସଏ ସଚିବ ରାକେଶ କୁମାର ମୁଦୁଲି, କୋରୁକୁଣ୍ଡା ଗ୍ରାମ ନ୍ୟାୟାଳୟ ବିଚାରପତି ଦେବେନ୍ଦ୍ର ନାଥ ବାଘ, ବାର୍ ଏସୋସିଏସନ୍ ସଭାପତି ପ୍ରକାଶ ମହାନ୍ତି ଓ ବରିଷ୍ଠ ଓକିଲମାନେ ଉପସ୍ଥିତ ଥିଲେ ।

# ସୁନା ଦର ହେବ ଆକାଶ ଛୁଆଁ : ୬୫ ହଜାର ଟଙ୍କା ଛୁଇଁବା ନିଶ୍ଚିତ !

ଭୁବନେଶ୍ୱର, ୦୨.୦୨- ସୁନାର ଆକାଶଛୁଆଁ ଦର ସୁନାପ୍ରେମୀଙ୍କୁ ବି ସୋରୁମ୍ ଯିବାକୁ ନିରୁତ୍ସାହିତ କରିବା ଆରମ୍ଭ କଲାଣି ।ବଜେଟ୍ ପ୍ରଭାବ ଉପର ମୁହାଁ ସୁନା ଦର। ୨ ଦିନରେ ବଢ଼ିଲାଣି ୧୬ ଶହ ଟଙ୍କା। ଛୁଇଁଲା ସର୍ବକାଳୀନ ରେକର୍ଡ। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ଏବେ ୬୦ ହଜାର ୭୦୦ ଟଙ୍କା। ଦୁଇ ଦିନ ତଳେ ଅର୍ଥାତ୍ ଗତ ମଙ୍ଗଳବାର ଦର ଥିଲା ୫୮ ହଜାର ୯୦୦ ଟଙ୍କା। ସେହିପରି ୨୨ କ୍ୟାରେଟ୍ ସୁନା ଦର ୫୨ ହଜାର ୬୦୦ ଟଙ୍କାରୁ ବଢ଼ି ଆଜି ୫୪ ହଜାର ୨୦୦ ଟଙ୍କାରେ ପହଞ୍ଚିଯାଇଛି। ଏମିତିକି ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଫେବ୍ରୁଆରୀ ମାସ ଲାଗି ସୁନା ମୂଲ୍ୟ ୧୦ ଗ୍ରାମ୍ ପିଛା ୫୮ ହଜାର ୮୦୦ ଟଙ୍କାରେ ବିକ୍ରି ହେଉଛି। ସୁନାର ଏମିତି ଉଚ୍ଚା ଦର ଦେଖି ଚିନ୍ତାରେ ଗ୍ରାହକ। ବିବାହ ଉତ୍ସବରେ ଉପହାର ଦେବା ଲାଗି ସୁନା ଗହଣା କିଣିବାକୁ ଡରିଲେଣି। ସୁନା ବ୍ୟବସାୟୀଙ୍କ କହିବା କଥା- ସୁନା, ରୁପା ଓ ପ୍ଲାଟିନମ୍ ଗହଣା ଓ ସାମଗ୍ରୀ ଉପରେ ଆମଦାନି ଶୁଳ୍କ ୨୨ ପ୍ରତିଶତରୁ ୨୫ ପ୍ରତିଶତକୁ ବଢ଼ାଇବା ଲାଗି ଚଳିତ ବଜେଟରେ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏଣୁ ଏପ୍ରିଲ୍ ପହିଲାରୁ ଏସବୁ ଜିନିଷର ଦାମ୍ ବଢ଼ିବା ସୁନିଶ୍ଚିତ ହୋଇଯାଇଛି କିନ୍ତୁ ବଜେଟ୍ ଘୋଷଣା ପରେ ପରେ କିଛି ଦିନ ହେଲା ସ୍ଥିର ଥିବା ସୁନା ମୂଲ୍ୟ ହଠାତ୍ ଉପରମୁହାଁ ହୋଇଚାଲିଛି। ଏମିତିକି ଆସନ୍ତା ଏପ୍ରିଲ୍ ପୂର୍ବରୁ ସୁନା ଦର ୬୫ ହଜାର ଟଙ୍କା ଟପିବା ଆକଳନ କରାଯାଉଛି। ଚାଲିଛି ବିବାହ ଋତୁ। ହେଲେ ସୁନାର ଆକାଶଛୁଆଁ ଦର ସୁନାପ୍ରେମୀଙ୍କୁ ବି ସୋରୁମ୍ ଯିବାକୁ ନିରୁତ୍ସାହିତ କରିବା ଆରମ୍ଭ କଲାଣି। ଏଭଳି କ୍ଷେତ୍ରରେ ସୁନା ଗହଣା ବ୍ୟବସାୟ ପ୍ରଭାବିତ ହେବା ଜଳଜଳ ଦିଶୁଛି।

# କୋଇଲା ଟ୍ରାନ୍ସପୋର୍ଟିଂ ଶତ୍ରୁତା ପାଇଁ ଗଲା କି ନବଙ୍କ ଜୀବନ ?

ଭୁବନେଶ୍ୱର, ୦୨/୦୨-ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତି ଏହି ବ୍ୟବସାୟରେ ପଶିବାକୁ ଚେଷ୍ଟା କରୁଥିଲେ ବି ସେମାନଙ୍କ ପାଇଁ ବଡ଼ ପ୍ରତିବନ୍ଧକ ଥିଲେ ନବ ଦାସ ।ନବ ଦାସ ମର୍ଡର ପ୍ଲଟର ସତ କଣ ? କେଉଁଠୁ ହୋଇଥିଲା ଷଡ଼ଯନ୍ତ୍ର ? କିଏ ରଚିଥିଲା ଚକ୍ରବ୍ୟୂହ ? ଷଡ଼ଯନ୍ତ୍ର ପଛରେ ଲୁଚିଛି କି କୋଇଲା ଟ୍ରାନ୍ସପୋର୍ଟିଂ ବ୍ୟବସାୟ ? ନବ ଦାସ ହତ୍ୟାକାଣ୍ଡକୁ ନେଇ ଦିନ ଯେତିକି ଗଡୁଛି, ସେତିକି ନୂଆ ଥିଓରୀ ସାମ୍ନାକୁ ଆସୁଛି। ମର୍ଡରର ମୋଟିଭ୍ ଏଯାଏଁ ସ୍ପଷ୍ଟ ହୋଇନଥିବାରୁ ଏହାକୁ ନେଇ ଚାଲିଛି ଭିନ୍ନ ଭିନ୍ନ ଚର୍ଚ୍ଚା। ମର୍ଡର ପଛରେ ଯେଉଁ ସବୁ କାରଣକୁ ନେଇ ଚର୍ଚ୍ଚା ହେଉଛି ସେଥିରେ ଆଗରେ ରହିଛି ବ୍ୟାବସାୟିକ ଶତ୍ରୁତା। କୋଇଲା ଟ୍ରାନ୍ସପୋର୍ଟିଂ ବିବାଦ ହତ୍ୟା ପଛର



ପ୍ରମୁଖ କାରଣ ହୋଇଥାଇ ପାରେ ବୋଲି କୁହାଯାଉଛି ।ହୋଟେଲ୍ ବିଜନେସ୍, ମାଇନିଂ ଟ୍ରାନସ୍ପୋର୍ଟିଂ ସହ ଏକାଧିକ ବ୍ୟବସାୟରେ ବେଶ୍ ଆଗରେ ଥିଲେ ନବ। ୨୦୧୯ ନିର୍ବାଚନ ସମୟରେ ନବ ଦାଖଲ କରିଥିବା ସତ୍ୟପାଠ ଅନୁସାରେ ବେଦାନ୍ତ କମ୍ପାନିରୁ ପାଉଁଶ ନିଷ୍କାସନ ଓ ପରିବହନ, ହିଣ୍ଡାଲକୋ, ଆଦିତ୍ୟ ବିର୍ଲା କଂପାନୀରୁ କୋଇଲା ପରିବହନ ନବଙ୍କ ପରିବାର ସଦସ୍ୟଙ୍କ ନାଁରେ ଚାଲିଥିଲା। ଏହାବାଦ୍ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ସମେତ ଅନ୍ୟ କିଛି ସ୍ଥାନରେ ନବଙ୍କର ବିଭିନ୍ନ ବ୍ୟବସାୟ ରହିଥିଲା। ଖାସ୍ କରି ଖଣି ବହୁଳ ଜିଲ୍ଲାରେ ନବଙ୍କର ନାନା ପ୍ରକାର ବ୍ୟବସାୟ ଚାଲିଥିଲା ।ତେବେ କୋଟି କୋଟି ଟଙ୍କାର କୋଇଲା ଟ୍ରାନ୍ସପୋର୍ଟିଂ ପ୍ରାୟତଃ ନବ ଓ ତାଙ୍କ ସମର୍ଥକ କରୁଥିଲେ। ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତି ଏହି ବ୍ୟବସାୟରେ ପଶିବାକୁ ଚେଷ୍ଟା କରୁଥିଲେ ବି ସେମାନଙ୍କ ପାଇଁ ବଡ଼ ପ୍ରତିବନ୍ଧକ ଥିଲେ ନବ ଦାସ। ତେଣୁ ପ୍ରଶ୍ନ ଉଠୁଛି କୋଇଲା ଟ୍ରାନ୍ସପୋର୍ଟିଂ କାରବାର ନବଙ୍କ ପାଇଁ କାଳ ହେଲା କି? କୌଣସି ପ୍ରଭାବଶାଳୀ ବ୍ୟକ୍ତି ଗୋପାଳ ଦାସଙ୍କୁ ବ୍ୟବହାର କରି ନବଙ୍କୁ ରାସ୍ତାରୁ ହଟାଇ ନାହାନ୍ତି ତ? ସେପଟେ ବିରୋଧୀ ଏହି ଦିଗରେ ତଦନ୍ତ କରି ହତ୍ୟାକାଣ୍ଡ ପଛ ସତ ବାହାର କରିବାକୁ ଦାବି କରିଛନ୍ତି। କେବଳ ବ୍ୟବସାୟ ନୁହେଁ ରାଜନୀତିରେ ବି ବେଶ୍ ସଫଳତା ପାଇଥିଲେ ନବ। ୨୦୦୯ରୁ ୨୦୧୯ ତିନି ତିନି ଥର ବିଧାୟକ ହୋଇଥିଲେ। କଂଗ୍ରେସରୁ ଦୁଇ ଥର ଆଉ ବିଜେଡିରୁ ୨୦୧୯ରେ ବିଧାୟକ ନିର୍ବାଚିତ ହେବା ପରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ।

# ଧରାପଡିଲା ଆୟୁଷ୍ମାନ ଅପପ୍ରଚାର

ଭୁବନେଶ୍ୱର, ୦୨/୦୨- ବିଜୁ ଜନତା ଦଳ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) କାର୍ଯ୍ୟକାରୀ କରୁଛନ୍ତି । ଆୟୁଷ୍ମାନ ଭାରତ ଯୋଜନା ଆନୁଷ୍ଠାନିକ ଭାବେ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଭାବରେ ଜଣାଶୁଣା । ଓଡିଶା ବିଜେପି ପକ୍ଷରୁ ନିୟମିତ ଭାବେ ଆୟୁଷ୍ମାନ ଭାରତ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଠାରୁ ଭଲ ବୋଲି କୁହାଯାଉଛି । ତେବେ ଗତକାଲିର କେନ୍ଦ୍ର ବଜେଟରେ ଆୟୁଷ୍ମାନ ଯୋଜନା ଉପରେ ଓଡ଼ିଶା ବିଜେପିର ମିଥ୍ୟା ପ୍ରଚାର ଏବଂ ପ୍ରତାରଣା ପଦାରେ ପଡିଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଓ ଗୌତୁମ ବୁଦ୍ଧ ଦାସ ।ଶ୍ରୀମତୀ ମିଶ୍ର ଓ ଶ୍ରୀ ଦାସ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୨୦୨୩-୨୪ କେନ୍ଦ୍ର ବଜେଟରେ ପ୍ରମୁଖ ଯୋଜନାଗୁଡିକ ମଧ୍ୟରୁ ୭ନମ୍ବର ସ୍ଥାନରେ ଥିବା ଆୟୁଷ୍ମାନ ଭାରତ ଯୋଜନା ପାଇଁ ମାତ୍ର ୭୨୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ଆମେ ଭାରତର ୨୮ ଟି ରାଜ୍ୟ ଏବଂ ୮ ଟି କେନ୍ଦ୍ରଶାସିତ ଅଞ୍ଚଳକୁ ବିଚାରକୁ ନେଲେ ପ୍ରତି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ଭାଗରେ ଆୟୁଷ୍ମାନ ଭାରତ ଯୋଜନାରେ ବର୍ଷକୁ ପ୍ରାୟ ୨୦୦ କୋଟି ଟଙ୍କା ପଡିବ ।ଅନ୍ୟପକ୍ଷରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ



ଯୋଜନାରେ ପ୍ରାୟ ୬୦୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହାକି ଓଡିଶାର ଜିଲ୍ଲା ପିଛା ବାର୍ଷିକ ପ୍ରାୟ ୨୦୦ କୋଟି ଟଙ୍କା । କେନ୍ଦ୍ର ଦ୍ୱାରା ପ୍ରତିବର୍ଷ ଦିଆଯିବାକୁ ଥିବା ୨୦୦ କୋଟି ଟଙ୍କାର ଆୟୁଷ୍ମାନ ଯୋଜନା ଅର୍ଥ କେବଳ ଓଡିଶାର ଗୋଟିଏ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିବ । ଓଡିଶାର ବାକି ୨୯ ଟି ଜିଲ୍ଲା କୁଆଡେ ଯିବେ ? ଆୟୁଷ୍ମାନ ଭାରତ ଉପରେ ଓଡ଼ିଶା ବିଜେପିର ଫମ୍ପା ପ୍ରତିଶ୍ରୁତି ଏବଂ ମିଥ୍ୟା କାହାଣୀ ଏହାକୁ ଖୋଜୁଛି ? ଓଡିଶାର ଲୋକମାନେ କିଭଳି ସୁବିଧା ପାଇବେ ? ଏହାର ଉତ୍ତର ଦେବାକୁ ଓଡିଶା ବିଜେପି ନେତାମାନେ ସାହସ କରିବେ କି ? ସେମାନେ ଜାଣନ୍ତି ନାହିଁ, ଏବଂ ସେମାନେ ଦେଇ ପାରିବେ ନାହିଁ ବୋଲି ବିଜେଡି ପ୍ରବକ୍ତା ଦ୍ୱୟ ଦୃଢ ଭାବେ କହିଛନ୍ତି ।ନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଦୃଢ ଭାବେ କହିଛନ୍ତି ଯେ ଆମେ ଓଡିଶାବାସୀଙ୍କର ସେବା କଥାରେ କରିବୁ ନାହିଁ । ଓଡ଼ିଶା ବିଜେପିର ମିଥ୍ୟା ପ୍ରଚାର ତୁଳନାରେ ସେ ଓଡିଶାବାସୀଙ୍କୁ ବ୍ୟାପକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସେ ପ୍ରତିଶ୍ରୁତିବଦ୍ଧ । ଉଦାହରଣ ସ୍ୱରୂପ, ଆୟୁଷ୍ମାନରେ ଜଣେ ମହିଳା ମାତ୍ର ୫ ଲକ୍ଷ ଟଙ୍କାର ଚିକିତ୍ସା ପାଇପାରିବେ, ବିଏସ୍ ?କେୱାଇରେ ସେ କିନ୍ତୁ ୧୦ଲକ୍ଷ ଟଙ୍କାର ଚିକିତ୍ସା ପାଇବେ । ଏଥିରୁ ଜଣାପଡୁଛି ଓଡିଶା ବିଜେପି ନେତାମାନେ ଚାହୁଁଛନ୍ତି ଯେ ସେମାନଙ୍କର ରାଜନୈତିକ ଫାଇଦା ପାଇଁ ଓଡିଶାର ନାରୀ-ଶକ୍ତି ବିଏସ୍ ?କେୱାଇରେ ୧୦ଲକ୍ଷ ଟଙ୍କାର ଲାଭ ନପାଇ ଆୟୁଷ୍ମାନରେ ଏହାର ଅଧା ଅର୍ଥାତ୍ ? ୫ଲକ୍ଷ ଟଙ୍କାର ଟଙ୍କା ଲାଭ ପାଆନ୍ତୁ । ଅନ୍ୟ ଏକ ଉଦାହରଣ ହେଉଛି ଅଙ୍ଗ ପ୍ରତିରୋପଣ । ଆୟୁଷ୍ମାନ ଅଧୀନରେ ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ରୋଗୀ ୫ ଲକ୍ଷ ଟଙ୍କାର ସୀମା ଅତିକ୍ରମ କରିପାରିବ ନାହିଁ । କିନ୍ତୁ ବିଏସ୍ ?କେୱାଇ ରେ ହିତାଧିକାରୀ ୫ ଲକ୍ଷ ସୀମା ଅତିକ୍ରମ କରି ଉପକୃତ ହୋଇପାରିବେ । ଓଡିଶା ବିଜେପି ନେତାମାନେ ଏହା ଜାଣିଛନ୍ତି କି ? ଆମକୁ ସେପରି ଲାଗୁ ନାହିଁ ବୋଲି ବିଜେଡି ପ୍ରବକ୍ତା କହିଛନ୍ତି ।ଏହା ପରେ ମଧ୍ୟ ଯଦି ଓଡ଼ିଶା ବିଜେପି ନେତାମାନେ ଆୟୁଷ୍ମାନ ଏବଂ ବିଏସକେୱାଇ ମଧ୍ୟରେ ଥିବା ପାର୍ଥକ୍ୟ ଏବଂ ଆୟୁଷ୍ମାନଠାରୁ ଅଧିକ ଆଗରେ ଥିବା ବିଏସ୍କେୱାଇର ଲାଭ ବୁଝିବାରେ ସକ୍ଷମ ହୋଇ ନାହାଁନ୍ତି, ତେବେ ସେମାନେ ବୁଝିବା ପର୍ଯ୍ୟନ୍ତ ସେମାନଙ୍କୁ ବୁଝାଇ ବହୁତ ଖୁସି ହେବୁ । ତେଣୁ ଆମର ନେତା ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ତାଙ୍କ ବଜେଟ୍ ଟିପ୍ପଣୀରେ କହିଛନ୍ତି – ମୁଁ ଆଶା ରଖିବି ଯେ ଓଡିଶା ରାଜ୍ୟ ବିଜେପିର ନେତୃବୃନ୍ଦ ଆୟୁଷ୍ମାନ ଭାରତ ଯୋଜନା ନେଇ ଓଡିଶାବାସୀଙ୍କୁ ଭୁଆଁ ବୁଲାଇବା ବନ୍ଦ କରିବେ ।ଶ୍ରୀମତୀ ମିଶ୍ର ଏବଂ ଶ୍ରୀ ଦାସ ଲୋକଙ୍କୁ ବିଭ୍ରାନ୍ତ ନକରିବାକୁ ଓଡିଶା ବିଜେପିର ନେତାମାନଙ୍କୁ ଅନୁରୋଧ କରିଛନ୍ତି । ସେମାନେ କହିଛନ୍ତି ଯେ ଯେତେବେଳେ ଆପଣ ଓଡିଶା ପାଇଁ ଭଲ କାର୍ଯ୍ୟ କରିବେ ସେତେବେଳେ ବିଜେଡି ପ୍ରଶଂସା କରିବ ଏବଂ ଯେତେବେଳେ ଆପଣ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିବେ ସେତେବେଳେ ତାହା ଲୋକଙ୍କୁ ଜଣାଇ ଦେବ ।

# ମୁକ୍ତା ଯୋଜନାକୁ ଆନ୍ତର୍ଜାତୀୟ ସ୍ୱୀକୃତି

ଭୁବନେଶ୍ୱର, ୦୨/୦୨- ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମୁକ୍ତା ଯୋଜନାକୁ ମିଳିଛି ବିଶ୍ୱସ୍ତରୀୟ ସ୍ୱୀକୃତି – ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ୫ଟି ପଦକ୍ଷେପ ଅନ୍ତର୍ଗତ ଏହି ସହରୀ କର୍ମ ନିଯୁକ୍ତି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ୨୦୨୧-୨୦୨୨ ବିଶ୍ୱ ସମ୍ବଳ ପ୍ରତିଷ୍ଠାନର ଅନ୍ୟତମ ବିଜେତା ଭାବରେ ମନୋନୀତ ହୋଇ (ଡବ୍ୟୁଆରଆଇ), ସହରଗୁଡିକ ପାଇଁ ରସ୍ କେନ୍ଦ୍ର ପୁରସ୍କାର ହାସଲ କରିଛି ।ଫେବୃଆରୀ ୧ ତାରିଖରେ ନ୍ୟୁୟର୍କ ସହରର ଫୋର୍ଡ ଫାଉଣ୍ଡେସନ ସେଣ୍ଟର ଫର ସୋସିଆଲ ଜଷ୍ଟିସରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେତା ଘୋଷିତ ହୋଇଥିଲା ।ନ୍ୟୁୟର୍କରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥି ଭାଥନନ୍ ଏହି ଆନ୍ତର୍ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି । ବିଭାଗର ଯୁଗ୍ମ ସଚିବ ଶ୍ରୀ ସାରଦା ପ୍ରସାଦ ପଣ୍ଡା ପୁରସ୍କାର ଗ୍ରହଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏକ ଆନ୍ତର୍ଜାତୀୟ ଜୁରି ଦଳ ଏହି ପୁରସ୍କାର ପ୍ରତିଯୋଗିତାରେ ୬୫ ଟି ଦେଶର ୧୫୫ ଟି ସହରରୁ ଆସିଥିବା ୨୬୦ ଟି ଆବେଦନ ମଧ୍ୟରୁ ମୁକ୍ତା କୁ ବିଜେତା ଭାବରେ ଚୟନ କରିଛନ୍ତି ।ସହରଗୁଡିକ ପାଇଁ ପୁରସ୍କାର ହେଉଛି ଡବ୍ଲ୍ୟୁଆରଆଇ ର ସହରୀ ରୂପାନ୍ତରଣ ପୁରସ୍କାର ଯାହାକି ବିଶ୍ୱ ବ୍ୟାପି ଅଧିକ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସହର ସୃଷ୍ଟି କରୁଥିବା ଅଗ୍ରଣୀମାନଙ୍କୁ ସ୍ୱୀକୃତି ପ୍ରଦାନ କରେ । ଅନିଶ୍ଚିତତା, ବ୍ୟାଘାତ ଏବଂ ସଙ୍କଟର ମୁକାବିଲା ପାଇଁ ସହରାଞ୍ଚଳର ଗରିବ, ଅନୌପଚାରିକ ତଥା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରି ମୁକ୍ତା ଏହି ପୁରସ୍କାର ହାସଲ କରିଛି । କଠିନ ସମୟରେ ବଞ୍ଚିବା ଏବଂ ତିଷ୍ଠି ରହିବା ପାଇଁ ଏକ ପ୍ରଣାଳୀ ଭାବରେ ମୁକ୍ତାକୁ ସ୍ୱୀକୃତି ମିଳିଛି ।ବର୍ତ୍ତମାନ ସୁଦ୍ଧା ଓଡିଶାର ୧୧୪ ଟି ସହରରେ ୭ ଲକ୍ଷ ସହରୀ ଗରିବ ଏବଂ ପ୍ରବାସୀ ଶ୍ରମିକ ୨୦୮ କୋଟି ଟଙ୍କା ମୂଲ୍ୟର ୨୨,୫୦୦ ଗୋଷ୍ଠି ସ୍ତରୀୟ ବିକାଶ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ଯେଉଁଥିରେ ପକ୍କା ସଡକ, ଡ୍ରେନ୍ ?, ବର୍ଷା ଜଳ ଅମଳ, କମ୍ୟୁନିଟି ସେଣ୍ଟର, ବୃକ୍ଷରୋପଣ, ଜଳାଶୟ ପୁନରୁଦ୍ଧାର ଏବଂ ସର୍ବସାଧାରଣ ସ୍ଥାନ ଆଦିର ବିକାଶ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୫୩୬୮ ମିଶନ୍ ଶକ୍ତି ଗୋଷ୍ଠୀ ଏବଂ ୪୩୮ ବସ୍ତି ବାସିନ୍ଦା ସଙ୍ଗଠନ ମଧ୍ୟ ଓଡିଶା ସରକାରଙ୍କ ଏହି ଉଚ୍ଚାଭିଳାଷୀ ଯୋଜନା ଅଧୀନରେ କାର୍ଯ୍ୟକାରୀ ସହଭାଗୀ ଭାବରେ ନିୟୋଜିତ ହୋଇଛନ୍ତି ।ଠିକାଦାରମାନଙ୍କୁ ନିୟୋଜିତ କରିବା ପରିବର୍ତ୍ତେ ମିଶନ ଶକ୍ତି ଗ୍ରୁପ୍ ଏବଂ ବସ୍ତି ବାସିନ୍ଦାଙ୍କୁ କାର୍ଯ୍ୟ ଦାୟିତ୍ୱ ଦେବା ପାଇଁ ଓଡ଼ିଶା ରାଜ୍ୟରଙ୍କ ପଦକ୍ଷେପ ସ୍ୱରୂପ ମୁକ୍ତା ଯୋଜନାକୁ ପ୍ରଶଂସା କରାଯାଇଛି । ଏହି ଯୋଜନା ଏକ ସମାନ ଢଙ୍ଗରେ ଗୋଷ୍ଠି ସ୍ତରୀୟ ନାଗରିକ ସୁବିଧା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଭାରତ ସରକାର ମଧ୍ୟ ଓଡିଶା ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି ଏବଂ ଓଡିଶାର ମୁକ୍ତା ମଡେଲକୁ ଅନ୍ୟ ରାଜ୍ୟମାନଙ୍କରେ କାର୍ଯ୍ୟକାରୀ ଲାଗି ସୁପାରିଶ କରିଛନ୍ତି । ଏଥିରୁ ଶିକ୍ଷାଲାଭ କରି ଝାଡଖଣ୍ଡ, ହିମାଚଳ ପ୍ରଦେଶ, ରାଜସ୍ଥାନ ଏବଂ ତାମିଲନାଡୁ ସହରାଞ୍ଚଳରେ ଥିବା ଗରିବ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ଓଡିଶାର ମୁକ୍ତା ଢାଞ୍ଚାରେ ସେମାନଙ୍କ ସହରରେ ମଜୁରୀ ନିଯୁକ୍ତି ଯୋଜନା ଘୋଷଣା କରିଛନ୍ତି ।

## ବଡ଼ଦାଣ୍ଡରେ ୨୪ ଘଂଟିଆ ପାଣି ବ୍ୟବସ୍ଥା

ପୁରୀ, ୦୨/୦୨ – ଭାରତରେ ପ୍ରଥମ ଥର ପାଇଁ ଡ୍ରିଙ୍କ ଟୁ ଟ୍ୟାପରେ ପୁରୀ ସହର ବାସୀଙ୍କ ପାଇଁ ୨୪ ଘଂଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଥିଲା । କିଣା ବୋତଲ ପାଣି ପରି ଏହି ପାଣିକୁ ସିଧାସଳଖ ପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଥିଲା । କିଛି ଦିନ ପରେ ଏହି ପାଣି ପାଇ ଅନେକ ସାହିବାସିନ୍ଦା ପେଟ ରୋଗ ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଥିଲା । ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଷ୍ଟିଲରେ ପାଣି ଟ୍ୟାପ ଷ୍ଟାଣ୍ଡ ଓ ଟାଇଲରେ ବେସମେଂଟ ତିଆରି ହୋଇ ଚାଲୁ କରାଯାଇଥିଲା । ପିଇବା ପାଣି ଏଠାରେ ମିଳେ ବୋଲି ସାଇନବୋର୍ଡ଼ ଲଗାଯିବା ସହ ଲୁହା ଖୁଂଟରେ ପାଣି ଟାଙ୍କିର ପ୍ରତିଛବି ଲଗାଯାଇଛି । ଅନେକ ସ୍ଥାନରେ ଟ୍ୟାପର ତଳ ପାଇପ ଛିଣ୍ଡାଇ ୨୦ ଲିଟର ପାଣି ବୋତରେ ପାଣି ଭର୍ତି କରି ନେଉଥିବା ଦେଖିବାକୁ ମିଳୁଛି ।

# ରେଳବାଇ ପାଇଁ ଜମି ଅନୁମତି ଲୋଡିଲେ

ଭୁବନେଶ୍ୱର, ୦୨/୦୨- ବହୁ ପ୍ରତିକ୍ଷୀତ ଖୋରଧା-ବଲାଙ୍ଗିର ରେଳପଥ ପାଇଁ ଆବଶ୍ୟକ ହେଉଥିବା ୫୮୯୪.୬୧୮ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଲାଗି ପ୍ରଥମ ଯର୍ପ୍ୟାୟ ଅନୁମତି ପାଇଁ ପୂର୍ବ ତଟ ରେଳବାଇ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଛି ।ସୁପ୍ରିମକୋର୍ଟଙ୍କ ରାୟ ପରେ ପୂବତଟ ରେଳବାଇ କର୍ତ୍ତୃପକ୍ଷ ପ୍ରଥମ ପର୍ଯ୍ୟାୟ କିସମ ପରିବର୍ତ୍ତନ ଅନୁମତି ପାଇଁ ପ୍ରସ୍ତାବ ଦାଖଲ କରିଛନ୍ତି । ନୟାଗଡ ଏବଂ ବୌଦ ଜିଲ୍ଲାରେ ଏହି ଜଙ୍ଗଲ ଜମି ଥିବାବେଳେ ଏଠାରେ ୧୧୨ ରୁ ୧୮୦ କିଲୋମିଟର ରେଳପଥ ନିର୍ମାଣ ହେବ । ଅଭୟାରଣ୍ୟ ଏବଂ ସମ୍ବେଦନଶୀଳ ପରିବେଶ ଜୋନ୍‌ରେ କୌଣସି ପ୍ରକାର ନିର୍ମାଣ




କାର୍ଯ୍ୟ ଉପରେ ସୁପ୍ରିମ୍‌କୋର୍ଟ ଗତବର୍ଷ ଜୁନ ମାସରେ କଟକଣା ଜାରି କରିଥିଲେ । ତେଣୁ ଭାରତୀୟ ରେଳବାଇ କିମ୍ବା ଏହାର ସହଯୋଗୀ ସଂସ୍ଥାଙ୍କ ପାଇଁ ନିର୍ମାଣ ଉପରେ କଟକଣା ରହିଛି କି ନାହିଁ ତାହା ଜାଣିବାକୁ ରେଳବାଇ କର୍ତ୍ତୃପକ୍ଷ ସ୍ପଷ୍ଟିକରଣ ଚାହିଁଥିଲେ । ଅଦାଲତ ତାଙ୍କ ରାୟରେ କହିଥିଲେ ଯେ ଆମେ ଏଭଳି ଅନୁମତି ଦେବାକୁ ଇଚ୍ଛୁକ । ଗତବର୍ଷ ଜୁନ୍ ମାସରେ ଦିଆଯାଇଥିବା ରାୟ ଭାରତୀୟ ରେଳବାଇ କିମ୍ବା ଏହାର ସହଯୋଗୀ ସଂସ୍ଥା ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ଅଦାଲତ କହିଥିଲେ । ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଏଭଳି କାର୍ଯ୍ୟ କରିବା ପୂର୍ବରୁ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ଅନୁମତି ନେବା ସହିତ ଜାତୀୟ ବନ୍ୟ ପ୍ରାଣୀ ବୋର୍ଡର ଷ୍ଟାଣ୍ଡିଂ କମିଟିରୁ ମଧ୍ୟ ଅନୁମତି ନେବାକୁ ପଡିବ । ବନ୍ୟଜନ୍ତୁଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଜାତୀୟ ବନ୍ୟପ୍ରାଣୀ ବୋର୍ଡକୁ କୁହାଯାଇଥିଲା ।ଭାରତ ସରକାର ମଧ୍ୟ ୨୦୧୧ ଫେବୃୟାରୀ ମାସରେ ଜାରି କରିଥିବା ମାର୍ଗଦର୍ଶିକାରେ ସମ୍ବେଦନଶୀଳ ପରିବେଶ ଜୋନ୍‌ରେ ବିଭିନ୍ନ କାର୍ଯ୍ୟକଳାପ ଓ କଟକଣା ସଂକ୍ରାନ୍ତରେ ଉଲ୍ଲେଖ ରହିଛି । ତେବେ ଏହି ମାର୍ଗଦର୍ଶିକାରେ ରେଳବାଇ ନିର୍ମାଣ ଉପରେ କୌଣସି କଟକଣା ନାହିଁ । ତେବେ ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟ ଅନୁମତି ପ୍ରଦାନ କରୁନଥିବାରୁ ଏହି ବହୁ ପ୍ରଚାରିତ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଛି ।ତେବେ ୨୮୯ କିଲୋମିଟର ଦୈର୍ଘ୍ୟ ଖୋରଧା-ବଲାଙ୍ଗିର ରେଳପଥ ମଧ୍ୟରୁ ୧୧୫.୫୬ କିଲୋମିଟର କାର୍ଯ୍ୟକାରୀ ହୋଇଛି । ମୋଟ ରେଳପଥ ଦୁଇ ଭାଗରେ ବିଭକ୍ତ ହୋଇଛି । ପ୍ରଥମ ଭାଗରେ ଶୂନ ରୁ ୧୧୨ କିଲୋମିଟର ଥିବାବେଳେ ଦ୍ୱିତୀୟ ଭାଗରେ ୧୧୨ ରୁ ୨୮୯ କିଲୋମିଟର ରହିଛି । ପ୍ରଥମ ଭାଗର ରେଳ ଲାଇନ୍ ? ପାଇଁ ଭାରତୀୟ ରେଳବାଇ ସମ୍ପୂର୍ଣ୍ଣ ଅର୍ଥ ଦେଉଥିବାବେଳେ ଦ୍ୱିତୀୟ ଭାଗ ପାଇଁ ଓଡିଶା ସରକାର ମାଗଣାରେ ଜମି ଯୋଗାଇବା ସହିତ ନିର୍ମାଣ କାର୍ଯ୍ୟର ୫୦ ପ୍ରତିଶତ ଅର୍ଥ ଯୋଗାଇଦେବେ ।

# କିମ୍ସରେ କଙ୍ଗାରୁ ମଦର କେୟାର (କେଏମ୍‌ସି) କର୍ମଶାଳା



ଭୁବନେଶ୍ୱର : ଓଡ଼ିଶାରେ ନବଜାତ ଶିଶୁ ମୃତ୍ୟୁହାର କମ କରିବା ଲକ୍ଷ୍ୟ ନେଇ ମା ଓ ଛୁଆ ମଧ୍ୟରେ ସ୍କିନ୍ ଟୁ ସ୍କିନ୍ କଣ୍ଟାକ୍ଟ ଭାବେ ଜଣାଶୁଣା କଙ୍ଗାରୁ ମଦର କେୟାର (କେଏମ୍‌ସି) ମାଧ୍ୟମରେ କମ୍ ଓଜନ ଓ ଅପରିପକ୍ୱ ଶିଶୁମାନଙ୍କର ପାରମ୍ପରିକ ପଦ୍ଧତିରେ କିପରି ଯତ୍ନ ନିଆଯିବ ସେ ନେଇ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେନ୍ (କିମ୍ସ)ରେ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ୟୁନିସେଫ ଏବଂ ନିପିର ସହାୟତାରେ ଓଡ଼ିଶା ନବଜାତ ଶିଶୁ ବିଶେଷଜ୍ଞ ସଂଘ ତରଫରୁ ଏକ ଜାତୀୟ ସମ୍ମିଳନୀ ଜାନୁଆରୀ ୧୯ରୁ ଆରମ୍ଭ ହୋଇଥିଲା । ଭୁବନେଶ୍ୱର ଏମ୍ସଠାରେ ଏହାର ମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀର ଅନ୍ତିମ କର୍ମଶାଳା ୨୩ ଓ ୨୪ ତାରିଖ ଦୁଇଦିନ ବ୍ୟାପୀ କିମ୍ସରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ପ୍ରଫେସର, ଡାକ୍ତର, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଛାତ୍ରଛାତ୍ରୀ ଓ ସେବିକାମାନେ ଅଂଶ ଗ୍ରହଣ କରିଥିଲେ । ନବଜାତକ ଶିଶୁର ଦେଖାଶୁଣା କରିବା ପାଇଁ କେଉଁ ଦିଗ ପ୍ରତି ଧ୍ୟାନ ଦେବାକୁ ହୁଏ, କଙ୍ଗାରୁ ପଦ୍ଧତି ଓ ଏହାର ସୁଫଳ, ନବଜାତକ ଶିଶୁଙ୍କୁ ସଂକ୍ରମଣରୁ କିପରି ବଞ୍ଚାଯାଇପାରିବ ସେ ବିଷୟରେ ବିଶେଷଜ୍ଞମାନେ ତାଲିମ ଦେଇଥିଲେ । କିମ୍ସରେ ଅନୁଷ୍ଠିତ ଏହି କର୍ମଶାଳାକୁ କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାନାଡା ନବଜାତ ଶିଶୁ ବିଶେଷଜ୍ଞ ସଂଘ କର୍ମକର୍ତ୍ତା ପ୍ରଫେସର ମୋହିନୀ ସିଂଘାଲ, କେଏମସି ଫାଉଣ୍ଡେସନ୍ ମେନେଜିଂ ଟ୍ରଷ୍ଟି ପ୍ରଫେସର ଶଶୀବାଣୀ, ଏନ୍‌ଏଚ୍‌ଏମ୍ ନୋଡାଲ ଅଫିସର ପ୍ରଫେସର ଶ୍ୟାମା କାନୁନ୍‌ଗୋ, ଏନ୍‌ଏଚ୍‌ଏମ୍ ଓଡ଼ିଶା କନ୍‌ସଲଟାଣ୍ଟ ଡା. ଆଦିତ୍ୟ ମହାପାତ୍ର, କିମ୍ସ ନିଓନାଟାଲୋଜିଷ୍ଟ ଡା. ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ଗୁଜୁରାଟରୁ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତାମାନେ ମଧ୍ୟ ଯୋଗ ଦେଇଥିଲେ । ଜଣେ ନବଜାତକ ଶିଶୁର ସୁସ୍ଥ ଜୀବନ ଜୀଇଁବା ପାଇଁ କେଏମ୍‌ସିର ବହୁ ଗୁରୁତ୍ୱ ରହିଛି । ସମସ୍ତ ଏସ୍‌ସିୟୁ ସହ କେଏମସିକୁ ଯୋଡ଼ା ଯାଇପାରିଲେ ନବଜାତକ ଶିଶୁ ମୃତ୍ୟୁହାର ହ୍ରାସ କରାଯାଇପାରିବ ବୋଲି ବିଶେଷଜ୍ଞ ଡାକ୍ତରମାନେ ପରାମର୍ଶ ଦେଇଥିଲେ ।

# ବରାଙ୍ଗ ଗାଁ, ବିକାଶ ଯେଉଁଠି ଅପହଞ୍ଚ



ଛତିଆ/ଯାଜପୁର : ଗ୍ରାମାଞ୍ଚଳ ର ବିକାଶ କରିବା ଲାଗି ରାଜ୍ୟ ଓ କେନ୍ଦ୍ର ସରକାର ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ହେଲେ ଏହି ଗାଁ ଠାରୁ ବିକାଶ ବହୁ ଦୂରରେ , ଗାଁ କୁ ନାହିଁ ମୁଖ୍ୟ ରାସ୍ତା, ନାହିଁ ଖଣ୍ଡେ ଅଙ୍ଗନ ୱାଡ଼ି, ନା ଅଛି ଟୋପେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା। କୌଣସି ଜରୁରୀ କାଳୀନ ଅସୁବିଧା ସମୟରେ ଆମ୍ବୁଲାନ୍ସ ଟି ମଧ ଗାଁ କୁ ଯାଇ ପାରୁ ନ ଥିବା ବେଳେ ବିଲ ହିଡରେ ଚାଲି ଚାଲି ପ୍ରାୟ ଦୁଇ କିଲୋ ମିଟର ରାସ୍ତା ଯିବାକୁ ପଡୁଥିବା ଗ୍ରାମ ବାସୀ କହିଛନ୍ତି ।ଏହା କେଉଁ ଉପାନ୍ତ ଅଞ୍ଚଳ ଚିତ୍ର ନୁହେଁ, ଯାଜପୁର ଜିଲ୍ଲା ବଡ ଚଣା ବ୍ଲକ୍ ଅନ୍ତର୍ଗତ କାଇମାଟିଆ ପଞ୍ଚାୟତ ଅଧୀନ ବରାଙ୍ଗ ସାଁର ସାହିର ବିକାଶ ର ବାସ୍ତବ ଚିତ୍ର, ଯାହାକୁ ନେଇ ସରକାର ଙ୍କ ବିକାଶ ର ନାରା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଏହି ଗ୍ରାମରେ ପ୍ରାୟ ୩୦ ଗୋଟି ପରିବାର ବସ ବାସ କରୁଥିବା ବେଳେ, ନା ଅଛି ଅଙ୍ଗନ ୱାଡ଼ି, ନା ଶୁଦ୍ଧ ପାନୀୟ ଜଳ, ବିଗତ ୧୯୮୦ ମସିହାରେ ଏହି ଗ୍ରାମରେ ଗୋଟିଏ ମାତ୍ର ନଳ କୂପ ବସି ଥିଲା, ଆଜି ଦିର୍ଗ ବର୍ଷ ହେବ ସମ୍ପୂର୍ଣ୍ଣ ଅଚଳ ହୋଇ ଖରାପ ହୋଇ ପଡ଼ିଛି, ଫଳରେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉ ଥିବା ବେଳେ,ଗାଁ ଭିତରେ ଥିବା ଏକ ପୁରାତନ କୂଅ ର ଜଳ କୁ ପାନୀୟ ଜଳ ଭାବରେ ବ୍ୟବହାର କରୁଛନ୍ତି । ଗ୍ରାମର ଏହି ମୌଳିକ ସମସ୍ୟା ସମ୍ପର୍କରେ ବାରମ୍ବାର ବଡଚଣା ବ୍ଲକ ପ୍ରଶାସନ ଙ୍କ ନିକଟରେ ଅଭିଯୋଗ କରି ଥିଲେ ସୁଦ୍ଧା, ଅଦ୍ୟାବଧି କୌଣସି ସୁଫଳ ମିଳି ନ ଥିବା ଦେଖିବାକୁ ମିଳିଛି । ଗ୍ରାମର ଲୋକ ମାନେ ପ୍ରାୟ ଦୁଇ କିଲୋ ମିଟର ବିପଦ ସଙ୍କୁଳ ଭାବରେ ଗାଁ ଲୋକଙ୍କୁ ବିଲ ହିଡ ବନ୍ଧ ରେ ଯାତାୟାତ କରୁ ଥିବାବେଳେ, ବର୍ଷା ଦିନରେ ଏହି ଗାଁ ଏକ ପ୍ରକାର ବାହ୍ୟ ଜଗତରୁ ବିଛିନ୍ନ ହୋଇ ପଡୁଥିବା କହିଛନ୍ତି ଅଞ୍ଚଳ ବାସୀ । ଗ୍ରାମର ମୁଖ୍ୟ ରାସ୍ତା, ଅଙ୍ଗନ ୱାଡ଼ି ନିର୍ମାଣ ର ପ୍ରତିଶ୍ରୁତି ପ୍ରତିଶ୍ରୁତି ରେ ରହି ଯାଉଥିବା କହିଛନ୍ତି ଗ୍ରାମବାସୀ, ତେବେ ଗ୍ରାମ ବାସୀ ଙ୍କ ଏହି ଅସୁବିଧା ସମ୍ପର୍କରେ ବିଧାୟକ ଶ୍ରୀ ଶତପଥି ଅବଗତ ଥିବା ବେଳେ ବହୁ ଶୀଘ୍ର ସମାଧାନ ହେବ ବୋଲି କହିଥିଲେ । ତେବେ ସରକାର ପାନୀୟ ଜଳ, ଶିକ୍ଷା ଓ ଗମନାଗମନ ଲାଗି କୋଟି କୋଟି ଟଙ୍କା ର ବ୍ୟୟ ବରାଦ କରୁଥିବା ବେଳେ, ବରାଙ୍ଗ ଗ୍ରାମ ର ମୌଳିକ ଆବଶ୍ୟକତା ପ୍ରତି ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

# ପୁସ୍ତକ ମେଳାର ୬ଷ୍ଠ ସନ୍ଧ୍ୟା ସାହିତ୍ୟ ଆସର ଓ କବି ସମ୍ମିଳନୀ

କେନ୍ଦ୍ରାପଡ଼ା : ବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳାର ୬ଷ୍ଠ ସନ୍ଧ୍ୟାରେ ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏକ ସାହିତ୍ୟ ସଭା ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ପ୍ରଫେସର ନନ୍ଦକିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ କବୟିତ୍ରୀ ଅନ୍ନପୂର୍ଣ୍ଣା ମହାନ୍ତି, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, କବି ପ୍ରେମାନନ୍ଦ ଖଣ୍ଡୁଆଳ, ମୌସୁମୀର ସମ୍ପାଦକ ପ୍ରାଧ୍ୟାପକ ଡଃ. ଶ୍ରୀଧର କୁମାର ସାମଲ ପ୍ରମୁଖ ଯୋଗଦେଇ କାବ୍ୟ କବିତାର ଗଠନମୂଳକ ସର୍ଜନା ସମାଜକୁ ସକାରତ୍ମକ ଦିଗକୁ ଅନୁପ୍ରେରିତ କରେ ବୋଲି ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ । ପ୍ରାରମ୍ଭରେ କେମର ସଭାପତି ଇଂ ଅକ୍ଷୟ କୁମାର ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କବି ଶୈଳଜା ଶଙ୍କର ସାମଲ, ଚାରୁଲତା ଭୂୟାଁ ଓ ଡଃ. ନଳିନୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ୩୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ରଙ୍ଗାରଙ୍ଗ ଶାସ୍ତ୍ରୀୟ ନୃତ୍ୟ ସଙ୍ଗିତ ପରିବେଷଣ କରାଯାଇଥିଲା । ଅପରାହ୍ନରେ କେମ୍‌ର ସାଂସ୍କୃତିକ ସମ୍ପାଦକ ହିମାଂଶୁ ଦାସଙ୍କ ସଂଯୋଜନାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାକୁ କେମ୍‌ର ସଦସ୍ୟ ଧର୍ମଦର୍ଶୀ କର, ସମ୍ବିତ ଶ୍ରୀଚନ୍ଦନ, ସଦିପ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୭୭ତମ ତିରୋଧାନ ଦିବସ ପାଳିତ

କେନ୍ଦ୍ରାପଡ଼ା : ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୭୭ତମ ତିରୋଧାନ ଦିବସ କେନ୍ଦ୍ରାପଡା ସହରର ଆନନ୍ଦ ମାର୍ଗ ଠାରେ ମହା ସମାରୋହରେ ପାଳିତ



ହୋଇଯାଇଛି । ସ୍ମୃତି କମିଟି ସଭାପତି କରୁଣାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଦୌରାଜଜ ବିଶ୍ୱଜିତ ମହାନ୍ତି, ଅତିରିକ୍ତ ଜିଲ୍ଲା ଦୌରାଜଜ ତ୍ରିବିକ୍ରମ କେଶରୀ ଚିନେରା,ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଓ ଦୁର୍ଗା ପ୍ରସାଦ ମହାରଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଶିକ୍ଷାବିତ ନନ୍ଦ କିଶୋର ପରିଡା ପ୍ରମୁଖ ଯୋଗଦେଇ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ବୈପ୍ଳବିକ ଜୀବନର କାର୍ଯ୍ୟବଳୀ ଉପରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ ଯେ ମହାତ୍ମା ଗାନ୍ଧିଙ୍କ ସାବରମତି ଆଶ୍ରମର ଓଡିଶାରୁ ପ୍ରଥମ ଓଡିଆ । ଛାତ୍ର ଭାବେ ବିପ୍ଳବୀ ଜେନା । ଯୋଗଦେଇଥିଲା ସେ ବହୁଚର୍ଚ୍ଚିତ "ଦୁଃଖିନୀ କନିକା ।" ପୁସ୍ତକ ଲେଖି ଚହଳ ସୃଷ୍ଟି କରିଥିଲେ । ଫଳରେ ବ୍ରିଟିଶ ସରକାର ସେହି ପୁସ୍ତକକୁ ବ୍ୟାନ କରିଥିବା ଖବର ଗାନ୍ଧିଜୀଙ୍କ ସାପ୍ତାହିତ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ପ୍ରକାଶ ପାଇଥିଲା ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା । ବ୍ରିଟିଶ ସରକାର ଓ କନିକା ରାଜା ଚକ୍ରାନ୍ତ କରି ବିପ୍ଳବୀ ଜେନାଙ୍କ ସ୍ଥାବର ଅସ୍ଥାବର ୪୨ ଏକର ସମ୍ପତିକୁ ନିଲାମ କରିଦେଇଥିଲେ । ବିପ୍ଳବୀ ଜେନା ତାଙ୍କ ଜୀବନରେ ୭ଥର କାରାବରଣ କରିଥିବା ବେଳେ ଶେଷରେ ଚକ୍ରାନ୍ତ କରି ବିପ୍ଳବୀ ଜେନାଙ୍କୁ ଖାଦ୍ୟରେ ବିଷ ମିଶାଇ ଦେଶ ସ୍ୱାଧୀନତା ପୂର୍ବରୁ ୧୯୪୬ ମସିହାରେ ତାଙ୍କୁ ମାରିଦିଆଯାଇଥିଲା । ଏହି ଉତ୍ସବରେ ଅନ୍ୟମାନମଙ୍କ ମଧ୍ୟରେ ସାହିତ୍ୟିକ ଡଃ ବାସୁଦେବ ଦାସ, ୧୩ ନଂ ୱାର୍ଡର କାଉନସିଲର ସେକ ଅସଲାମ୍, ନିରଞ୍ଜନ ମେକାପ, ପ୍ରଦୀପ ଦାସ, ପୂର୍ବତନ ଓକିଲ ସଂଘର ସଭାପତି ଆଶୁତୋଷ ମହାନ୍ତି, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ସ୍ୱାଧୀନତା ସଂଗ୍ରାମୀ ଦାୟଦ ସଂଘ ସଭାପତି ବିଚିତ୍ରାନନ୍ଦ ନାୟକ, ନିରଞ୍ଜନ ବଳ, ମାନସ ରଂଜନ ଧଳ, ମନୋଜ କୁମାର ସାହୁ, ଅରୁଣ ପ୍ରସାଦ ଦାସ, ସ୍ମୃତି କମିଟି ସମ୍ପାଦକ ରମଣୀ ରଂଜନ ରାଉତରାୟ, ସଂଜୟ କୁମାର ଜେନା, ବିପିନ ବିହାରୀ ବାରିକ, ଅକ୍ଷୟପ୍ରିୟ ଦାସ, ସହ ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ସତ୍ୟବ୍ରତ ସିଂ, ଶୁଭାଂଶୁ ଦାସ, ସତ୍ୟପ୍ରିୟ ଦାସ, ସମ୍ବିତ ଦାସ, ରମାକାନ୍ତ ସ୍ୱାଇଁ, ସୁରେଶ ଚନ୍ଦ୍ର ନାୟକ, ବ୍ରଜ ସୁନ୍ଦର ରାଉତ, ସେକ ସୌକତ, ହିରଣ୍ୟ ପଣ୍ଡା, ଧୀରେନ୍ଦ୍ର କୁମାର ଦାସ, ଗୋଲେଖ ସେଠୀ ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରିଶେଷରେ ଅନୁଷ୍ଠାନର ଅନ୍ୟତମ ସଦସ୍ୟ ଶେଷଦେବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ ଫେବୃଆରୀ ୧୧ରେ

ଜଗତସିଂହପୁର : ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକ ସ୍ତରୀୟ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଫେବୃୟାରୀ ୧୧ ତାରିଖରେ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା , ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ(ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ(ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରୀ ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରଧୀନ ମୋକଦମା ନୁହେଁ ପ୍ରାକ ମୋକଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମୋକଦମା ବିବାଦର ସମାଧାନ ପାଇଁ କୋ ?ଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ । ଯଦି କୌଣସି ବିଚାରଧୀନ ମୋକଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ କୋର୍ଟ ଫି ଫେରସ୍ତ ହୋଇପାରିବ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି ।

# ଓଡିଶା ଫଲୋଅପ୍ ସ୍ୱେଚ୍ଛାସେବୀ ସଂଗଠନ, ବାଲେଶ୍ୱର ପକ୍ଷରୁ ଗରିବ ଲୋକଙ୍କୁ କଂବଳ ବଂଟନ





ଧାମନଗର : ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ କେତେକ ନିର୍ଦ୍ଦିଷ୍ଟ ପରିବାରକୁ ବିଭିନ୍ନ ସଂଗଠନ ପକ୍ଷରୁ ସହାୟତା ଯୋଗାଇଦେବାକୁ ଆଗେଇ ଆସୁଛନ୍ତି । ସେହିଭଳି ଓଡିଶା ଫଲୋଅପ୍ ସ୍ୱେଚ୍ଛାସେବୀ ସଂଗଠନ ବାଲେଶ୍ୱର ଆନୁକୂଲ୍ୟରେ କେତେକ ନିର୍ଦ୍ଦିଷ୍ଟ ଗରିବ ପରିବାରକୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପି.ଏଲ.ଭି ନାରାୟଣ ପୋଥାଲଙ୍କ ଅଧ୍ୟକ୍ଷତାରେ ଧାମନଗର ହାଟ ନିକଟସ୍ଥ ମା' କାଳୀଙ୍କ ମଣ୍ଡପ ସମ୍ମୁଖରେ ୫୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସମାଜସେବୀ ସେକ ଅଜଗର ଅଲ୍ଲୀ ଓ ସଦସ୍ୟ ସେକ ମୁରାଦ କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ । ଓଡିଶା ଫଲୋଅପ୍ ନିର୍ଦ୍ଦେଶକ ଧାମନଗର ଅଞ୍ଚଳ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ ପାଇଁ ସହାୟତା ପ୍ରଦୀନ କରିଥିବାରୁ ନିର୍ଦ୍ଦେଶକଙ୍କୁ ଶ୍ରୀ ଅଲ୍ଲୀ ଧନ୍ୟବାଦ ଜଣାଇଛନ୍ତି ।

# ଜାତୀୟ ଭୋଟର ଦିବସ ପାଳିତ

କେନ୍ଦୁଝର : କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଚଳିତ ଜାନୁଆରୀ ୨୫ ତାରିଖ ଦିନ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଏବଂ କେନ୍ଦୁଝର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଏହି ଉପଲକ୍ଷେ ଦରବାର ହଲଠାରେ ଏକ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର ନିର୍ବାଚନ କିରଣ କୁମାର ନାଏକ ଅତିଥି ଭାବେ ଯୋଗଦେଇଥିଲେ । ଅତିଥି ଓ ବକ୍ତାମାନେ ନିଜ ବକ୍ତବ୍ୟରେ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନିର୍ବାଚନ କମିଶନରଙ୍କ ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ । ମତଦାନ ଅଧିକାର ଏକ ସାମ୍ବିଧାନିକ ଅଧିକାର ହୋଇଥିବାରୁ ପ୍ରତ୍ୟେକ ନାଗରିକ ମତଦାନ ଅଧିକାର ସାବ୍ୟସ୍ତ କଲେ ଗଣତନ୍ତ୍ର ସୁଦୃଢ ହୋଇପାରିବ ବୋଲି କହିଥିଲେ । ନବ ମତଦାତାମାନଙ୍କୁ ଶୁଭେଚ୍ଛା ଜଣାଇ ମତଦାନ ବୃଦ୍ଧି ଦିଗରେ ସେମାନେ ଭୂମିକା ନିଭାଇବାକୁ ଆହ୍ୱାନ ଜଣାଇଥିଲେ । ଗୁଣାତ୍ମକ ମତଦାନ ଉପରେ ଗୁରୁତ୍ୱାରୋପ କରି ଏଦିଗରେ ସମସ୍ତ ସାବାଳକ ସଚେତନ ହେଲେ ସାମ୍ବିଧାନିକ ବିଧିବ୍ୟବସ୍ଥା ଶକ୍ତ ହେବା ସଂଗେ ସଂଗେ ଭାରତୀୟ ଗଣତନ୍ତ୍ର ଅଧିକ



ଲୋକାଭିମୁଖୀ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ, କେନ୍ଦୁଝର ସଞ୍ଜିବ ବାରିକ ପ୍ରାରମ୍ଭରେ ସ୍ୱାଗତଭାଷଣ ପ୍ରଦାନ କରିବା ସହ ସମାରୋହର ସଂଚାଳନା କରିଥିଲେ । ଏହି ଅବସରରେ ଭୋଟର ସଂଶୋଧନ ପ୍ରକ୍ରିୟାରେ ଉତମ କାର୍ଯ୍ୟ ପରିଚାଳନା, ବିଶେଷ ଭାବରେ ଜନଜାତି ଗୋଷ୍ଠୀର ସାବାଳକମାନଙ୍କୁ ଭୋଟର ତାଲିକାରେ ପଞ୍ଜିକୃତ କରିବା ତଥା ମତଦାନ ସଂପର୍କରେ ସଚେତନତା ସୃଷ୍ଟି କରିବାରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବାରୁ କେନ୍ଦୁଝର ଉପଜିଲ୍ଲାପାଳ ଶ୍ରୀ ରାମଚନ୍ଦ୍ର କିସ୍କୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଧିକାରୀ, କର୍ମଚାରୀ ଓ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଗୋପବନ୍ଧୁ ନାଏକ, କନିଷ୍ଠ ରାଜସ୍ୱ ସହାୟକ ମୁକ୍ତିକାନ୍ତ ପାତ୍ର, କେନ୍ଦୁଝର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ରଶ୍ମିତା ସ୍ୱାଇଁ, ବରିଷ୍ଠ ରାଜସ୍ୱ ସହାୟକ ସଚିନ ପଣ୍ଡା, ଗୋଲକ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

## ଘରୋଇ ପ୍ରତିଷ୍ଠାନର ଯୁକ୍ତ ୩ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପାଠ୍ୟକ୍ରମର ୧୪୦ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର

# ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି

ଜୟପୁର : ଘୋରେଇ ପ୍ରତିଷ୍ଠାନ ତରଫରୁ ଯୁକ୍ତ ୩ ବିଜ୍ଞାନ ଓ ବିଣିଜ୍ୟ ବିଭାଗ ପାଠ୍ୟକ୍ରମ ଜାରି ରହିଛି । ୧୪୦ ଜଣ ଛାତ୍ର ଛାତ୍ରୀ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଛି । ଛାତ୍ରୀ ଛାତ୍ରୀ ମାନେ ବିଜ୍ଞାନ ଓ ବିଣିଜ୍ୟ ବିଭାଗ ନିୟମିତ ପାଠ୍ୟକ୍ରମ ରେ ଜଏନ ହୋଇଛନ୍ତି । କିନ୍ତୁ ମହାବିଦ୍ୟାଳୟ ଭୁବନେଶ୍ୱରରେ ରହୁଥିବା ବେଳେ ଏଠାରେ ଛାତ୍ର ଛାତ୍ରୀ ଙ୍କୁ ଅନ୍ଧାରେ ରଖାଯାଇଛି ।ଜୟପୁର ବେଲ ରୋଡ ସ୍ଥିତ ଏକ ଘୋରେଇ ପ୍ରତିଷ୍ଠାନ ତରଫରୁ ଯୁକ୍ତ ୩ ବିଜ୍ଞାନ ଓ ବିଣିଜ୍ୟ ବିଭାଗ ପାଠ୍ୟକ୍ରମର ମହାବିଦ୍ୟାଳୟ ବେଆଇନ ଭାବେ ପରିଚାଳିତ ହୋଇଥିବା ନେଇ ଅଭିଯୋଗ ହୋଇଛି । ପ୍ରାୟ ୧୪୦ ଜଣ ଛାତ୍ର ଛାତ୍ରୀ ୩ ବର୍ଷ ପାଇଁ ମହାବିଦ୍ୟାଳୟରେ ଜଏନ ହୋଇଛନ୍ତି । କିନ୍ତୁ ଛାତ୍ର ଛାତ୍ରୀ ମାନେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଅଧିନରେ ପରୀକ୍ଷା ଦେବାକୁ କୁହାଯାଇ ଜଏନ କରାଯାଇଛି । ଉଭୟ ଛାତ୍ର ଛାତ୍ରୀ ରହିବା ପାଇ ହୋଷ୍ଟେଲର ବ୍ୟବସ୍ଥା ମଧ୍ୟ କରାଯାଇଛି । କିନ୍ତୁ ଛାତ୍ର ଛାତ୍ରୀ ଙ୍କୁ ପାଠ୍ୟକ୍ରମ ପାଇ ମହାବିଦ୍ୟାଳୟ ପାଇ ଭିତ୍ତି ଭୁମି ନାହିଁ । ମହାବିଦ୍ୟାଳୟ ସ୍ଥାପନା ନେଇ ଭିତ୍ତି ଭୁମି ନଥାଇ ଏହି କୋଚିଂ କେନ୍ଦ୍ରକୁ ମହାବିଦ୍ୟାଳୟ ମାନ୍ୟତା ଦେଇ ପରିଚାଳନା କରାଯାଇଥିବା ଅଭିଯୋଗ ହୋଇଛି । ଛାତ୍ରଛାତ୍ରୀ ଙ୍କ ପରୀକ୍ଷା ରେ ଫେଲ କରିବା ଧମକ ଚମକ ଦେଇ ଅଭିଭାବକ ଙ୍କୁ ଭୟ ଭିତ କରାଯାଉଥିବା ନେଇ ଛାତ୍ର ଛାତ୍ରୀ ଅଭିଯୋଗ କରିଛନ୍ତି । କୋରାପୁଟ ଜିଲା ଯୁକ୍ତ ୩ ପାଠ୍ୟକ୍ରମ କଲେଜ ଗୁଡିକ ବ୍ରହ୍ମପୁର ମହାବିଦ୍ୟାଳୟ ଅଧିନରେ ପରୀକ୍ଷା ଦେବା ନେଇ ସାଧାରଣ ଆଶଙ୍କା ସୃଷ୍ଟି କରିଛି । ଭୁବନେଶ୍ୱରର ଏକ ଘରୋଇ ମହାବିଦ୍ୟାଳୟର ଅନୁମତି ଅଣାଯାଇ କୋଚି କେନ୍ଦ୍ର ଜାରି ରହିଥିଲା ଯାହାକି ଏହାର ଅବଧି ୨୦୨୧ ମସିହାରେ ଶେଷ ହୋଇଯାଇଥିଲେ ସୁଦ୍ଧା ଚାଲୁ ରହିଥିବା ନେଇ ଜଣାଯାଇଛି । ତେଣୁ ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ସ୍ଥାନୀୟ ଶିକ୍ଷା ପ୍ରତିଷ୍ଠାନର ପରିଚାଳନା କତ୍ତପକ୍ଷ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ପାଇ ଉଚିତ ପଦ କ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି । ଶିକ୍ଷା ପ୍ରତିଷ୍ଠାନର ପରିଚାଳନା କତ୍ତପକ୍ଷ ଭୁବନେଶ୍ୱରର ଏକ ଘୋରଇ ମହାବିଦ୍ୟାଳୟର ନାମ ଲେଖାଇ ଥିବା ବେଳେ ଏଠାରେ କୋଚି କରାଯାଉଥିବା ସୁଚନା ଦେଇଛନ୍ତି । ଛାତ୍ର ଛାତ୍ରୀ ମାନେ ନିୟମିତ ପାଠ୍ୟ କ୍ରମରେ ଜଏନ ହୋଇଥିବା ବେଳେ ମହାବିଦ୍ୟାଳୟରେ ଅନୁପସ୍ଥିତ ରହି କିପରି ନିୟମିତ ପାଠ୍ୟ କ୍ରମ ପଢିବେ । ଏଠାରେ କୋଚି ଦିଆଯାଉଥିବା ବେଳେ ଉଚ୍ଚ ମାନର ଶିକ୍ଷା ମଧ୍ୟ ମିଳିବା ଅସମ୍ଭବ ଅଟେ ।ଉକ୍ତ ଶିକ୍ଷା ପ୍ରତିଷ୍ଠାନର ଭୁବନେଶ୍ୱରରୁ ଏକ କଲେଜର ଅନୁମିତ ମାଧ୍ୟମରେ ଛାତ୍ର ଛାତ୍ରୀ ଙ୍କୁ ଜଏନ କରାଯାଉଛି । ଅନୁଷ୍ଠାନର ସୁବାଶିଷ ତ୍ରିପାଠି କୋଚିଂ ସେଣ୍ଟର ଚାଲିଥିବା ସହ ଏଠାରେ ସମସ୍ତ କଲେଜ ଛାତ୍ରଛାତ୍ରୀ ପଢୁଥିବା ସୁଚନା ଦେଇଛନ୍ତି । ଜୟପୁର ଆଞ୍ଚଳିକ ନିଦ୍ଦେଷକ ତ୍ରିନାଥ ରଥ କହିଛନ୍ତି ସମ୍ପର୍କରେ ଅଭିଯୋଗ ଆସିଥିଲା । ତାହାର ତଦନ୍ତ କରାଯାଇ ଜିଲାପାଳ ଙ୍କୁ ରିପୋର୍ଟ ଦିଆଯାଇଛି । ଏଠାରେ କୋଚିଂ ଚାଲିଥିବା ପ୍ରକାଶ କରିଛନ୍ତି । ଯଦି ଆଉ କିଛି ଅଭିଯୋଗ ଆସେ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# କ୍ଷିରୋଦ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ-୨୦୨୩ ଉଦ୍‌ଘାଟିତ




ଜଳେଶ୍ୱର : ଜଳେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୋଟସାହି ପଞ୍ଚାୟତର କ୍ଷିରୋଦ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋଟସାହିର ବାର୍ଷିକ ଉତ୍ସବ-୨୦୨୩ ଅନୁଷ୍ଠିତ ହୋଇ ଯାଇଅଛି ।ଉକ୍ତ ଉତ୍ସବର ପ୍ରଥମ ଅଧିବେଶନ ସକାଳ ୧୦ ଘଟିକା ସମୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି । ଏଥିରେ ପ୍ରଧାନ ଶିକ୍ଷକ ସୁଧିର କୁମାର କରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ନିଳକଣ୍ଠ ଖଣ୍ଡା, ସମ୍ମାନୀତ ଅତିଥି ବାଘମାରି କ୍ଲଷ୍ଟର ସିଆରସିସି ସୁବ୍ରତ କୁମାର ସେନାପତି, ସାମ୍ବାଦିକ ଭୂପତି କୁମାର ପରିଡ଼ା, ବିଦ୍ୟାଳୟର ଏସ୍‌ଏମସି ସଭାପତି ମନୋରଞ୍ଜନ ବେହେରା, ମଞ୍ଚ ଆହ୍ୱାନ ସହକାରୀ ଶିକ୍ଷକ ବୁଦ୍ଧଦେବ ଜେନା କରିଥିବା ବେଳେ ବାର୍ଷିକ ବିବରଣୀ ସହକାରୀ ଶିକ୍ଷୟତ୍ରି ପ୍ରାଚିପ୍ରଭା ଦାସ ପାଠ କରିଥିଲେ । ଶେଷରେ ସହକାରୀ ଶିକ୍ଷକ ନିଶିକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।ସେହିପରି ଦ୍ୱିତୀୟ ଅଧିବେଶନରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ସନ୍ଧ୍ୟାରେ ନୃତ୍ୟ ଗୀତ, ବକ୍ତୃତା ଓ ଛୋଟ ନାଟକ କରାଯାଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ଅତିଥି ମାନଙ୍କ ଦ୍ୱାରା ବିତରଣ କରା ଯାଇଥିଲା ।

# ବିଜେପିର ଷଷ୍ଠ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ସାନଖେମୁଣ୍ଡି : ଷଷ୍ଠ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ତପ୍ତପାଣି ପାନ୍ଥନିବାସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ ଆଜି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଟି ଗୋବିନ୍ଦପୁର ତପ୍ତ ପାଣି ପାନ୍ଥନିବାସ ସଭାଗୃହରେ ଭାରତୀୟ ଜନତା ଦଳ ତରଫରୁ ଘୁମୁସର ଜିଲ୍ଲା ସାଙ୍ଗଠନିକ ଜିଲ୍ଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଙ୍କ ଆନୁକୂଲ୍ୟରେଷଷ୍ଠ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଯୋଗ ଦେଇ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ରେ କିପରି



ବିଜେପି ଦଳ କୁ ଆଗକୁ ନେବା ସହିତ ଅଧିକରୁ ଅଧିକ ବିଧାୟକ ଏବଂ ଏମ ପି ଜିତାଇ ଓଡିଶା ରେ ଶାସନ କରିବାକୁ ରଣନୀତି ପ୍ରସ୍ତୁତି କରିବା ସହିତ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଏହି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ବିଧାୟକ ପ୍ରାର୍ଥୀ ନୀଳମଣି ବିଶୋଇ,ରଞ୍ଜନ ପଲେଇ,ବିଜୟ କୁମାର ସ୍ୱାଇଁ, ପ୍ରଦୁମ୍ନ ନାୟକ,କାର୍ଯ୍ୟକାରିଣୀ ସଦସ୍ୟ ମହେଶ ଚନ୍ଦ୍ର ମହାନ୍ତି,ଶିଶିର ମିଶ୍ର,ଅରୁଣ ପଣ୍ଡା,ମୋର୍ଚ୍ଚା ସଭାପତି ଗଦାଧର ସ୍ୱାଇଁ,ଗାନ୍ଧମାର୍ଧନ ସେଠୀ,ଦେବାରଜ ମଲ୍ଲିକ,ବରିଷ୍ଠ ନେତା ପ୍ରଦୀପ ପାତ୍ରୀ,ବିନାୟକ ତ୍ରିପାଠୀ,ପ୍ରତାପ ଚନ୍ଦ୍ର ନାୟକ,ଜୟନ୍ତୀ ପଢିହାରୀ,ଗୋପାଳକୃଷ୍ଣ ଗୌଡ଼,ନୀଳ ମାଧବ ପାତ୍ର,ନାରାୟଣ ବେହେରା ଙ୍କ ସହିତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ ।

# ବାଲିମେଲା ମହାବିଦ୍ୟାଳୟରେ ଅଭିଭାବକମାନଙ୍କ ସହ ଆଲୋଚନା

ବାଲିମେଲା : ମାଲକାନଗିରି ଜିଲ୍ଲା ବାଲିମେଲା ନଗର ନିକଟସ୍ଥ ବାଲିମେଲା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ରେ +୨ର ଅଭିଭାବକ ଓ ଅଧ୍ୟାପକଅଧ୍ୟାପିକା ମଧ୍ୟରେ ଆଲୋଚନା ଶିବିର। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତେକ ମହାବିଦ୍ୟାଳୟ ରେ ଆଜି ଅଭିଭାବକ ମାନଙ୍କ ସହ ଆଲୋଚନା।ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନଙ୍କ ନେତୃତ୍ୱ ଅଭିଭାବକ ମାନଙ୍କ ସହ ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟତ ବର୍ଷକୁ କେତେଟି ପରୀକ୍ଷା ଓ ପିଲାମାନେ କେତେ ମାର୍କ ରଖୁଛନ୍ତି, ଛାତ୍ର ଛାତ୍ରୀ ଉପସ୍ଥାନ, ରେଗିଙ୍ଗ ସମ୍ପୂର୍ଣ୍ଣ ଧ୍ୟାନ ଦେବା,ସାଂସ୍କୃତିକ,



ଖେଳ ଆଦି ଇଚ୍ଛା ଶକ୍ତି ପ୍ରତ୍ୟେକ୪୦ଜଣ ଛାତ୍ରଛାତ୍ରୀ ଭଲ ମନ୍ଦ ବୁଝିବା ପାଇଁ ଜଣେ ଅଧ୍ୟାପକ ଓ ଅଧ୍ୟାପିକା ନିଯୁକ୍ତି ଅଭିଭାବକ ମାନକୁ ସେଇମାନଙ୍କ ମୋବାଇଲ ନ ପ୍ରଦାନ ଆଦି ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ରବୀନ୍ଦ୍ର ନାଥ ପାତ୍ର, ମମତା ପାତ୍ର, ସବିତା ଭୁକ୍ତା, ସରୋଜ ମହାପାତ୍ର, ପୁରୋଷତମ ସୋମରଥ,ମନୋରଞ୍ଜନ ଖମାରୀ ଅଧ୍ୟପକ ଅଧ୍ୟାପିକା ଅଂଶ ଗ୍ରହଣ କରିବା ସହ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ରାଷ୍ଟ୍ର ନିର୍ମାଣରେ ଭାଗୀଦାର ହେବାକୁ ସଂକଳ୍ପ ନେବା : ମନ୍ତ୍ରୀ ଶ୍ରୀ ପ୍ରତାପ ଦେବ

ପୁରୀ : ପ୍ରତ୍ୟେକ ଜାତୀୟ ଦିବସ ଗର୍ବ ଓ ଗୌରବ ର ପ୍ରତୀକ।ରାଷ୍ଟ୍ର ନିର୍ମାଣରେ ଭାଗିଦାରୀ ପାଇଁ ପ୍ରତ୍ୟେକ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ଶକ୍ତି,ଶିଳ୍ପ ଓ ଏମ ଏସ ଏମ ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ।ଆଜି ପୂର୍ବାହ୍ନରେ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ ଗ୍ରାଉଣ୍ଡ ଠାରେ ପୁରୀ ଜିଲ୍ଲା ସ୍ତରୀୟ ୭୪ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ, ପାରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ କରି ଶ୍ରୀ ଦେବ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସାମାଜିକ ସୁରକ୍ଷା ଇତ୍ୟାଦି ସମସ୍ତ କ୍ଷେତ୍ରରେ ଆମେ ଅନେକ ସଫଳତା ପାଇଛୁ। ସମଗ୍ର ବିଶ୍ୱରେ ରାଜ୍ୟକୁ ବିଭିନ୍ନ କ୍ଷେତ୍ରରେ ପ୍ରଶଂସା ମିଳିଛି।ବିପର୍ଯ୍ୟୟ ପରିଚାଳନା ,କରୋନା ପରିଚାଳନାରେ ରାଜ୍ୟ ରୋଲ ମଡେଲ ସାଜିଛି। ତେବେ ଶିକ୍ଷିତ ହେବା ସହ ମାନସିକତା ରେ ପରିବର୍ତ୍ତନ ଆବଶ୍ୟକ।ନିଜ ମାଟି,ଭାଷା,ସଂସ୍କୃତିକୁ ନେଇ ଗର୍ବ କରିବା।ଆଜି ବିକାଶ ସମସ୍ତ ଙ୍କ ପାଖରେ ପହଞ୍ଚି।୧୯୩୬ ରେ ଭାଷା ଭିତ୍ତି ରେ ଆମ ରାଜ୍ୟ ଗଠନ ହୋଇଥିଲା।୨୦୩୬କୁ ୧୦୦ ବର୍ଷ ପୂର୍ତ୍ତି ହେବ।ତେଣୁଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ।ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଇଶ୍ୱର ଚନ୍ଦ୍ର ନାୟକ,ସ୍ୱଚ୍ଛତା ପାଇଁ ପୁରୀ ପୌରପାଳିକା, ଚିକିତ୍ସା ପାଇଁ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜର ପ୍ରଫେସର ଡା ସୁଦର୍ଶନ ପୋଥାଳ,ଓଡ଼ିଶା ସଂଗୀତ ନାଟକ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ମନୋରମା ମହାନ୍ତି,, ଶରତ କୁମାର ମହାନ୍ତି, ଜୟକୃଷ୍ଣ ନାୟକ ଓ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୋବିନ୍ଦ ଚନ୍ଦ୍ର ପାଳ,କ୍ରିଡାବିତ ଜୟନ୍ତୀ ବେହେରା, ମନୋଜ କୁମାର ପ୍ରଧାନ, ପ୍ରତାପ ପ୍ରଧାନ, ତପନ ମହାନ୍ତି, ଅର୍ଚ୍ଚନା ପ୍ରଧାନ, ଅନନ୍ୟା ପ୍ରଧାନ, କ୍ଷିରୋଦ ବିଶ୍ୱାଳ,ବିଶ୍ୱବିଜୟୀ କଲମ୍ବସ,ମଧୁସ୍ମିତା ସେଠୀ, ବାସୁଦେବ ବାରିକ,ଅମୀନ ରଞ୍ଜନ ତ୍ରିପାଠୀ, ରାକେଶ କୁମାର ପାତ୍ର, ପ୍ରସାଦ କୁମାର ସେଠୀ, ରୂପାଲୀ ପ୍ରଧାନ ଓ ଏନ ଏସ ଏସ ସ୍ୱଚ୍ଛାସେବୀ ଭାବେ ଏସ ସି ଏସ କଲେଜର ଓମ ପ୍ରସାଦ ମହାନ୍ତିଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ମନ୍ତ୍ରୀ ଶ୍ରୀ ଦେବ ପୁରସ୍କୃତ କରିଥିଲେ।ସେହିପରି ପ୍ୟାରେଡ଼ ରେ ସିନିୟର ଡିଭିଜନ ଏନସିସିରେ ଏସ ସି ଏସ କଲେଜ, ଜୁନିୟର ଏନସିସିର ବାଳକ ବର୍ଗରେ ଭୋଳାନାଥ ବିଦ୍ୟାପୀଠ ଓ ବାଳିକାରେ ଗଙ୍ଗାଧର ବାଳିକା ଉଚ୍ଚ



ବିଦ୍ୟାଳୟ, ସ୍କାଉଟ ବାଳକରେ ପୁରୀ ଜିଲ୍ଲା ସ୍କୁଲ,ଗାଇଡ଼ ବାଳିକା ରେ ବ୍ଲେସ୍ଡ଼ ସାକ୍ରାମେଣ୍ଟ,ସିଭିଲିଆନ ବାଳକ ବର୍ଗରେ ପୋଲିସ ଉଚ୍ଚ ବିଦ୍ୟାଳୟ, ବାଳିକା ବର୍ଗରେ ସୁଖଲତା ମେମୋରିଆଲସ ନୋଡାଲଗାର୍ଲ୍ସ ହାଇସ୍କୁଲ ଓ ଶୃଙ୍ଖଳାରେ ଘୋଡ଼ା ବଜାର ସରସ୍ୱତୀ ଶିଶୁ ମନ୍ଦିର ସ୍କାଉଟ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା। ପାରେଡ କମାଣ୍ଡର ପୋଲିସ ଆର ଆଇ ଚନ୍ଦ୍ର ଶେଖର ଦାଶ ଓ ସେକେଣ୍ଡ ଇନ କମାଣ୍ଡ ବିକାଶ ଚନ୍ଦ୍ର ସେନାପତି ପରେଡ ପରିଚାଳନା କରିଥିଲେ। ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟ ର ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ।ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡକ୍ରସ ଶାଖା, ଭାରତ ବିକାଶ ପରିଷଦ, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର କୁ ମୁଖ୍ୟ ଅତିଥି ଉଦଘାଟନ କରିବା ସହ ନିଜେ ରକ୍ତଦାନ କରିଥିଲେ। ନେଚର ଲଭର୍ସ କ୍ଲବ ଓ ପୁରୀ ସେବା ସମିତି ପକ୍ଷରୁ ଗାନ୍ଧି ଘାଟ ଠାରେ ଏକ ପୁଷ୍ପ ପ୍ରଦର୍ଶନୀ କରାଯାଇଥିଲା।"କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ସମର୍ଥ ବର୍ମା, ଭାରପ୍ରାପ୍ତ ଏସ ପି ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲୀପ କୁମାର ମହାପାତ୍ର, ଜିଲ୍ଲା ପରିଷଦ ସଭାପତି ସ୍ୱାପ୍ନାରାଣୀ ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ତହସିଲଦାର କ୍ଷିରୋଦ କୁମାର ବେହେରା,ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରଞ୍ଜନ ବେହେରା, ରାକେଶ କୁମାର ପଣ୍ଡା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା।ଗାନ୍ଧୀ ଘାଟ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ କର୍ମଚାରୀ ମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।୭୪ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଘୋଡାବଜାର କ୍ଷେସନରୋଡ,ପୁରୀ ଠାରେ ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ ମୋହଦୟ (ରାଜ୍ୟ ଉପସଭାପତି , ବିଜୁଯୁବ ଜନତା ଦଳ , ଓଡ଼ିଶା) ଜାତିୟ ପତାକାଉତଳନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ରାଜୀବ ଯୋଶେଫ, .ସନ୍ତୋଷ ରେଡି, ଯୋଗେନ୍ଦ୍ର ନାୟକ, କୁନି ଦେଇ ଲକ୍ଷ୍ମୀଦେବୀ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମାପନ କରିଥିଲେ ।ସେହିପରି ଶ୍ରୀ ବିଟୀ ଦୋକାନ ଗୋଷ୍ଠୀଙ୍କ ପୂର୍ବତନ ୧୦ଓତର ର ଜିଏକୀ ୨୫ବର୍ଷ ହେଲା ଜିତି ଆସୁଥିବା ବାଲିସାହିର ବିଜେଡ଼ି ର ଜଣେ ଟାଣୁଆ ନେତା ନୃସିଂହ ସାହୁ ଜାତୀୟ ପତାକା ଉତଳନ କରିଥିରେ ଏମ୍ବ ସମସ୍ତ ଦୋକାନ ଭାଇ ମାନେ ଏକାଠି ହୋଇ ରହିରେ ଦୋକାନ ଆସେଶନ ଆଗକୁ ଉନତୀ କରିବ କହିଛନ୍ତି ସେହପରି ବାଲିସାହି ପ୍ରତିଶୃତି ପରିବାର ତରଫରୁ ବାଲିସାହି ରେ ପ୍ରଦ୍ୟୁମ୍ନଚରଣ ମହାପାତ୍ର କ ଦ୍ୱାରା ପତକା ଉତଳନ ହୋଇଥିଲା

# ମହାପାତ୍ର ସବିତା ହୋତାଙ୍କ ୨ଟି ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, :କବିୟତ୍ରୀ ମହାପାତ୍ର ସବିତା ହୋତାଙ୍କ ରଚିତ ଦୁଇଟି କବିତା ପୁସ୍ତକ 'ପଦାରବିନ୍ଦ ' ଏବଂ 'ଆଦ୍ୟା'କୁ ଆଜି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜ୍ୟଭବନରେ ଉନ୍ମୋଚିତ କରିଛନ୍ତି। ଏହି ଅବସରରେ କବିୟତ୍ରୀ ଶ୍ରୀମତି ହୋତାଙ୍କ ସହିତ ଜେଏସପିଏଲ ପ୍ରେସିଡେଣ୍ଟ ତଥା ଗ୍ରୁପ ସିଏସଆର ମୁଖ୍ୟ ପ୍ରଶାନ୍ତ କୁମାର ହୋତା , ସମାଜସେବୀ ପାଟ୍ଟଯୋଶୀ ତରୁଣ କୁମାର ମହାପାତ୍ର, ଆକାଶ ହୋତା ଏବଂ ନିଳୟ ଆଧାର ହୋତା ଉପସ୍ଥିତ ଥିଲେ। ସାଗରିକା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଉଭୟ ପୁସ୍ତକରେ ୨୫ଟି ଲେଖାଏ କବିତା ରହିଛି।

# ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ତିନି ଗୁରୁତର

କୟାଁଗୋଲା, : ଗୁରୁବାର ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ୩ ଜଣ ଗୁରୁତର, ମଙ୍ଗଳପୁର ଥାନା ଅଧିନସ୍ଥ ଲାଲବାଗ ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ପାଳଟପୁର ଗ୍ରାମର ଭାସ୍କର ମଲ୍ଲିକ(୨୪) ଗୁରୁତର ଭାବେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ଇଟାପଡା ଗ୍ରାମର ରଶ୍ମିରଂଜନ ପଣ୍ଡା (୨୪) ଓ ଅମିତ ପଣ୍ଡା( ୨୯) ଗୁରୁତର ଆହତ ହୋଇ ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

# ବ୍ରାଉନସୁଗାର ଜବତ, ୩ ଗିରଫ

ଟାଙ୍ଗୀ : ଟାଙ୍ଗୀ ବ୍ଲକ ର ବିଭିନ୍ନ ସ୍ଥାନରେ ବଢିଚାଲିଛି ବ୍ରାଉନସୁଗାର କାରବାର। ବ୍ରାଉନସୁଗାର କାରବାରକୁ ରୋକିବା ପାଇଁ ପୋଲିସ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ବେପାରୀ ମାନଙ୍କୁ ଧରୁଥିବା ବେଳେ ବେପାରୀ ମାନଙ୍କ ଉପରେ ପଡୁନି ପ୍ରଭାବ।ବେପାରୀ ମାନେ ସହର ଛାଡି ଗାଁ ଗହଳିରେ ସେମାନଙ୍କ ବେପାରକୁ ବେଧଡକ ଭାବରେ ଚଳାଇଥିବା ବେଳେ



ଆଜି ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଛକ ପାନ୍ଥିକା ରାସ୍ତାରୁ ୩ଜଣ ବ୍ରାଉନସୁଗାର ବେପାରିକୁ ଧରିଛି ନିରାକାରପୁର ପୋଲିସ।ବେପାରୀ ମାନଙ୍କ ନିକଟରୁ ୧୭ଗ୍ରାମ ବ୍ରାଉନସୁଗାର ୬୮ଗ୍ରାମ ସୁନାପ୍ଲେଟ,୧୭୩୦ ଟଙ୍କା ଦୁଇଟି ମୋଟର ସାଇକେଲ ଜବତକରାଯାଇଛି ଜବତ ସୁନା ପ୍ଲେଟ୍ ର ଆନୁମାନିକ ମୁଲ୍ୟ ତିନି ଲକ୍ଷ ଟଙ୍କା ରୁ ଉର୍ଦ୍ଧ ଓ ବ୍ରାଉନ ସୁଗାର ର ମଲ୍ୟ ଏକ ଲକ୍ଷ ଟଙ୍କା ରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଗିରଫ ବେପାରୀ ମାନେ ହେଲେ ଜଂକିଆ ଥାନା ଅନ୍ତର୍ଗତ ବାଲିଗାଡିଆ ଗ୍ରାମର ମାନସ ବଳବନ୍ତରାୟ, ନୟାଗଡ଼ ର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ବେଗୁନିଆ ର ଆର୍ଯ୍ୟନ ନାୟକ। ଗିରଫ ବେପାରୀ ମାନଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ପୋଲିସ।

# ଏଏମସିଏସ ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଆଲୋଚନା

ଟିକାବାଲି : କନ୍ଧମାଳ ଜିଲ୍ଲା ଟିକାବାଲି ନିକଟସ୍ଥ ଏ ଏମ ସି ଏସ ମହାବିଦ୍ୟାଳୟ ରେ ଗୁଣାକ ଶିକ୍ଷା ର ମାନବୃଦ୍ଧି ନିମନ୍ତେ, ଅଭିଭାବକ ଏବଂ ଶିକ୍ଷକ ଙ୍କ ମଧ୍ୟରେ ଛାତ୍ର ଛାତ୍ରୀଙ୍କ ମୌଳିକ ବିକାଶ ଓ ମୌଖିକ ବାତାବରଣ କିପରି ରହିବ ସେହି ଉପରେ ଗୁରୁତ୍ୱ ଆଲୋଚନା ହୋଇଥିଲା ଏହା ଏକ ଉଜ୍ଜଳ ମୟ ବିକାଶ ହେଇଥିବାରୁ ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ଓ ଅବିଭାବକ ମଧ୍ୟରେ ଉତ୍ତମ ସମ୍ପର୍କ ରହି ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ ପୂର୍ଣ୍ଣଙ୍ଗ କିପରି ବିକାଶ ହୋଇପାରିବ ତାହା ଆଲୋଚନା ହୋଇଥିଲା ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରମୋଦ କୁମାର ଷଡ଼ଙ୍ଗୀ ଯୋଗ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ ବିଦ୍ୟାଳୟ ପରିସରରେ ନିଶା,ତମ୍ବାଖୁ, ଗୁଟୁଖା,ଆଣ୍ଟି ରାଗିଙ୍ଗ, ସେକ୍ସୁଆଲ ହାରାଷମେଣ୍ଟ ଏହି ସବୁ ଯେପରି ନ ହେବ ଗୁରୁତ୍ୱ ଆଲୋଚନା ହୋଇଥିଲା ଅଭିଭାବକ



ଅଭିମନ୍ୟୁ ପ୍ରଧାନ,ଅକ୍ଷୟ ପ୍ରଧାନ,ପ୍ରଶାନ୍ତ ପ୍ରଧାନ,ଗୁଣାକ ଶିକ୍ଷା ଉପରେ ଦୁଇ ମାସକୁ ଥରେ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ଦୀନବନ୍ଧୁ ମହାନ୍ତି,ଅଧ୍ୟାପକ ନରେନ୍ଦ୍ର ଦିଗାଲ, ସନ୍ତୋଷ କୁମାର ରଥ,କୃଷ୍ଣ ବଲ୍ଲଭ ଦାସ, ରମେଶ ସାହୁ,ଅମୁଲ୍ୟ ସାବତ, ବିରୁପାକ୍ଷ ମିଶ୍ର,ସୁରୋଜ ସାସମଲ,ଶିକ୍ଷକ, ଅଭିଭାବକ ଓ ଛାତ୍ର ଛାତ୍ରୀ ଭିତରେ ଉତ୍ତମ ବୁଝାମଣା ରହିଲେ ଶିକ୍ଷାର ମାନବୃଦ୍ଧି ହୋଇପାରିବ ବୋଲି ମତ ରଖିଥିଲେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା କର୍ମଚାରୀ ଯୋଗ ଦେଇଥିଲେ ଓଡିଶା ସରକାର ଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ରେ ହୋଇଥିବାରୁ ଉପସ୍ଥିତ ଅଭିଭାବକ ସରକାର ଙ୍କୁ ଧନ୍ୟବାଦ ଦେଇ ଥିଲେ

# ଆଦିବାସୀ ନାବାଳିକା ଛାତ୍ରୀ ମା' ହେବା ଘଟଣାକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦୁଝର : କେନ୍ଦୁଝରରେ ନବମ ଶ୍ରେଣୀରେ ପାଠ ପଢୁଥିବା ଜଣେ ଆଦିବାସୀ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଓ ଏକ କନ୍ୟା ସନ୍ତାନକୁ ଜନ୍ମ ଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି । ସମ୍ପୃକ୍ତ ଛାତ୍ରୀ ଜଣକ କେନ୍ଦୁଝର ଜିଲ୍ଲା ସଦର ଥାନା ଅଂଚଳର ଏକ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଆଶ୍ରମ ସ୍କୁଲରେ ନବମ ଶ୍ରେଣୀରେ ପଢନ୍ତି । ୧୫ ବର୍ଷିୟା ଏହି ଛାତ୍ରୀ ଜଣକ ଗତ ମକର ଛୁଟିରେ ୧୨ ତାରିଖରେ ସ୍କୁଲରୁ ଘରକୁ ଯାଇଥିଲେ ମଧ୍ୟ ଆଉ ସ୍କୁଲକୁ ଆଉ ଫେରି ନଥିଲେ । ଘରେ ଥିବାବେଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏବଂ ଗତ ୨୫ ତାରିଖରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଆଡମିଶନ ହେବା ପରେ ଛାତ୍ରୀ ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । ମାଉ ଦେହ ଭଲ ରହିଥିବା ବେଳେ ଶିଶୁ କନ୍ୟାଟିକୁ ଏସ.ଏନ.ସି.ୟୁ ରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ନାବାଳିକା ଛାତ୍ରୀଙ୍କ ମା ସଦର ଥାନାରେ ଏ ସଂକ୍ରାନ୍ତରେ ଏକ ଏତଲା କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଜଣେ ୨୨ ବର୍ଷିୟା ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି । ଛାତ୍ରୀ ଜଣକ ଗର୍ଭବତୀ ହୋଇଥିବା କଥା ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ତାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଥିବା ବେଳେ ବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି । ଏପଟେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କର ବଦଳି ହୋଇ ଯାଇଥିବା ବେଳେ ନୂତନ ଅଧିକାରୀ ଯୋଗଦେଇ ନଥିବାରୁ ଘଟଣା ସମ୍ପର୍କରେ ଅନ୍ୟ କେହି ମୁହଁ ଖୋଲୁ ନାହାଁନ୍ତି । ଏଭଳି ଏକ ସେମ୍ବଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନର ଆଭିମୁଖ୍ୟ ଉପରେ ଏବେ ସମସ୍ତଙ୍କର ନଜର ।

# କେନ୍ଦୁଝରରେ ଆବାସ ଗୃହ ସହ ସରକାରୀ ସୁବିଧାରୁ ବଂଚିତ ୩ ଗ୍ରାମର ଅଧିବାସୀ

କେନ୍ଦୁଝର : କେନ୍ଦୁଝର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକ ପ୍ରକୃତ ହିତାଧିକାରୀ ତାଲିକାରୁ ବାଦ୍ ପଡିଥିବାରୁ ଏହାକୁ ନେଇ ଜିଲ୍ଲାର ବିଭିନ୍ନ ଅଂଚଳରେ ଜନ ଅସେନ୍ତାଷ ବଢିବାରେ ଲାଗିଛି । ଏପରିକି ଅନେକ ଗ୍ରାମର ଅଧିବାସୀ ସରକାରଙ୍କର ଯୋଜନାରୁ ଆଜି ବି ବଂଚିତ ହୋଇ ରହିଛନ୍ତି । ଯାହାକି କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି । ୨୦୧୧ ଜନ ଗଣନା ଅନୁଯାୟୀ, ଏସଇସିସି ଲିଷ୍ଟରେ ନାମ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ତଥା ଅନ୍ୟ ପ୍ରାୟ ସମସ୍ତ ସମସ୍ତ ପ୍ରକାର ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଂଚାୟତର ବଳଭଦ୍ରପୁର ଓ ଜଗନ୍ନାଥପୁର ସମେତ ନିଶ୍ଚିନ୍ତପୁର ଗ୍ରାମପଂଚାୟତର ଘୁଣ୍ଟୁପଶି ଗ୍ରାମବାସୀ। ଏ ସମ୍ପର୍କରେ ସଂପୃକ୍ତ ୩ ଟି ଗ୍ରାମର ଅଧିବାସୀ ଅନେକ ଥର ଜିଲାପାଳ, ଉପଜିଲାପାଳ, ଝୁମ୍ପୁରା ବିଡିଓଙ୍କ ଠାରୁ ରାଜନେତା ମାନଙ୍କ ଦୃଷ୍ଟି ଆକର୍ଷଣ କରି ନ୍ୟାୟ ଭିକ୍ଷା କରି ଆସିଥିଲେ ମଧ୍ୟ ନ୍ୟାୟ ତ ଦୂରର କଥା ସବୁ ସମୟରେ କେବଳ ପ୍ରତିଶୃତିରେ ହିଁ ସୀମିତ ହୋଇ ରହିଛି । ହେଲେ ସମସ୍ୟାର ସମାଧାନ ହୋଇ ପାରିନାହିଁ। ସରକାରଙ୍କ ଏତାଦୃଶ୍ୟ ମନୋଭାବ ପ୍ରତିବାଦରେ ଗତ ପଂଚାୟତ ନିର୍ବାଚନରେ ବଳଭଦ୍ରପୁର ଓ ଜଗନ୍ନାଥପୁର ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ସେ ସମୟରେ ଏହାର ସମାଧାନ କରାଯିବ ବୋଲି ତତ୍କାଳୀନ ଚମ୍ପୁଆ ଉପଜିଲାପାଳ ନିର୍ଭର ପ୍ରତିଶୃତି ଦେଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଜଙ୍ଗଲାଚଂଳରେ ଅବସ୍ଥିତ ଏହି ୩ଟି ଗ୍ରାମବାସିନ୍ଦା ମୁଖ୍ୟତଃ ଶ୍ରମଜୀବି, ଚାଷାଦି କାର୍ଯ୍ୟକରି ଜୀବିକା ନିର୍ବାହ କରିଥାନ୍ତି। ୩ଟି ଗ୍ରାମର ୯୦ ପ୍ରତିଶତ ବାସିନ୍ଦା ଆଦିବାସୀ ସମୁଦାୟର, ଏମାନଙ୍କର ମଧ୍ୟରୁ ଅନେକ ଜଙ୍ଗଲ ଜାତଦ୍ରବ୍ୟ ବିକ୍ରିବଟା କରି ଜୀବିକା ନିର୍ବାହ କରିଥାନ୍ତି। ଆବାସ ଯୋଜନା ଏହି ୩ଟି ଗ୍ରାମକୁ ଅପହଁଚ ହୋଇପଡିଥିବା ବେଳେ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଆଦି ସମସ୍ୟା ନେଇ ଉକ୍ତ ୩ଟି ଗ୍ରାମର ବାସିନ୍ଦା କଷ୍ଟ ଭୋଗି ଚାଲିଛନ୍ତି। ଆବାସ ଯୋଜନାରେ ଅନ୍ତର୍ଭୂକ୍ତ କରିବା, ପାନୀୟ ଜଳ ଯୋଗାଇ ଦେବା, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଦାବି ନେଇ ଗତ ୨୪/୧/୨୦୨୩ ରିଖ ଘୁଣ୍ଟୁପଶି ଗ୍ରାମବାସିନ୍ଦା ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟରେ ଦାବି ପତ୍ର ଦେବା ସହ ଗଣଧାରଣା କରିଥିଲେ । ୨୭/୧/୨୦୨୩ ରିଖ ଜଗନ୍ନାଥପୁର ଓ ବଳଭଦ୍ରପୁର ଗ୍ରାମବାସିନ୍ଦା ଶୋଭାଯାତ୍ରା, ଗଣଧାରଣା କରିବା ସହ ଝୁମ୍ପୁରା ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଏହାର ସମାଧାନ ନହେଲେ ଉକ୍ତ ୩ ଗ୍ରାମର ଅଧିବାସୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବାବୁଲାଲ ମହାନ୍ତ, ଲକ୍ଷ୍ମୀରାଣୀ ଦାସ, କିରଣ ଆରୁକ, ହୃଷିକେଶ ମହାନ୍ତ, ବେଣୁଧର ମହାନ୍ତ, ସସ୍ମିତା ମହାନ୍ତ,ବିକ୍ରମ ମୁଣ୍ଡା, ରଇଦାସ ମୁଣ୍ଡା, କୈଳାସ ମୁଣ୍ଡା, ରାନୁ ମୁଣ୍ଡା ପ୍ରମୁଖ କହିଛନ୍ତି। ଅଭିଯୋଗ ସମ୍ପର୍କରେ ପଚାରିବାରୁ ଜିଲାପାଳଙ୍କୁ ରିପୋର୍ଟ କରାଯାଇଛି। ସମସ୍ୟା ସମାଧାନ କରିବାକୁ ପଦେକ୍ଷପ ନିଆଯିବ ବୋଲି ଝୁମ୍ପୁରା ବିଡିଓ ଉମାକାନ୍ତ ପରିଡା କହିଛନ୍ତି ।

# ମଈଁଷି ସହ ମୋଟରସାଇକେଲ ଧକ୍କା, ୨ ବାଇକ୍ ଆରୋହୀ ଗୁରୁତର

ବାଲିଗୁଡା : ମଈଁଷି ସହ ମୋଟରସାଇକେଲ ଧକ୍କା । ଦୁର୍ଘଟଣାରେ ଦୁଇ ମୋଟରସାଇକେଲ ଆରୋହୀ ଗୁରୁତର ଅବସ୍ଥାରେ ବାଲିଗୁଡ଼ା



ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି । ଏଭଳିଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଗୁମାପଦର ଛକ ନିକଟରେ । ସୂଚନା ପ୍ରକାରେ ବାଲିଗୁଡ଼ା ଥାନା ରେବିଙ୍ଗିଆ ଅଞ୍ଚଳର ଦୁଇ ଭାଇ ଅଜୟ ବର୍ଗାର୍ତ୍ତା ଓ ବିପିନ ବର୍ଗାର୍ତ୍ତା ଏକ ହୋଣ୍ଡା ସାଇନ୍ ମୋଟରସାଇକେଲ (୦୨ ୨୦୪୩) ରେ କ.ନୁଆଗାଁ ଥାନା ଅଞ୍ଚଳକୁ ନିଜ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ । ସେଠାରୁ ଫେରିବା ସମୟରେ ଗୁମାପଦର ଛକ ନିକଟରେ ରାସ୍ତାରେ ଥିବା ଏକ ମଈଁଷି ସହ ଧକ୍କା ହୋଇଥିଲା । ଫଳରେ ଦୁଇ ଭାଇ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ । ତାଙ୍କ ପରିବାର ଲୋକମାନେ ଅଟୋରେ ଆସୁଥିଲେ ଓ ସେହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଅମିତ୍ କୁମାର ନାୟକ ନାମକ ଜଣେ ସ୍ୱେଚ୍ଛାସେବୀ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ବର୍ତ୍ତମାନ ଆହତ ଦୁଇ ଭାଇ ସେଠାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

# ଉପଖଣ୍ଡ ସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜନ ପ୍ରତିନିଧିଙ୍କ ଅନୁପସ୍ଥିତି



କନ୍ଧମାଳ: ଉପଖଣ୍ଡ ଗଣତନ୍ତ୍ର ଦିବସରେ ପାଳନ ଅବସରରେ ବାଲିଗୁଡା ଜନ ପ୍ରତିନିଧି ,ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଅଣଦେଖା କରିଥିବା ଅଭିଯୋଗ ହେଇଛି ।ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ସହରରେ ।କରନା କଟକଣା କୋହଳ ହେବା ପରେ ନିରାଡ଼ମ୍ବରରେ ବାଲିଗୁଡା ଉପଖଣ୍ଡ ସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ହେଇଥିଲେ ମଧ୍ୟ ବାଲିଗୁଡା ଜନପ୍ରତିନିଧିଙ୍କୁ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି ।ଅଞ୍ଚଳରେ କୌଣସି ଜନ ପ୍ରତିନିଧି ଆସିନଥିବା କଥା ବର୍ତ୍ତମାନ ତାହା ବୁଦ୍ଧିଜୀବି ଓ ସାଧାରଣରେ ଚର୍ଚ୍ଚାର ବିଷୟ ହେଇଛି ।ଉପଖଣ୍ଡ ପାଳନ ପରିଚାଳନା କମିଟିର ଯୋଗାଯୋଗ ରେ ବଧେ ତ୍ରୁଟି ହେଇଥିବାରୁ କୌଣସି ଜନ ପ୍ରତିନିଧିଙ୍କ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି ।ବାଲିଗୁଡା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ମୁଖ୍ୟ ଅତିଥି ଉପ ଜିଲ୍ଲାପାଳ ଅତି ସୁନ୍ଦର ଭାବରେ ପଡିଆକୁ ପ୍ରବେଶ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ୟାରେଡ଼ ଗ୍ରୁପକୁ ପରିଦର୍ଶନ କରିଥିଲେ ।

# ୧୯୯୫ ବ୍ୟାଚ ବନ୍ଧୁମିଳନ ଅନୁଷ୍ଠିତ



କୟାଁଗୋଲା : ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କଣ୍ଟାବଣିଆ ଉଚ୍ଚ ବିଦ୍ୟାଳୟର ୧୯୯୫ ମସିହା ମ୍ୟାଟ୍ରିକ ବ୍ୟାଚ ର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇ ଯାଇଛି। ଏହି ବନ୍ଧୁ ମିଳନ କୁଆଁସ ମଙ୍ଗଳା ପଡ଼ିଆ ରେ ଅନୁଷ୍ଠିତ ହୋଇଥିଲା, ଦୀର୍ଘ ଦିନ ପରେ ସାଙ୍ଗସାଥି ମାନେ ଏକାଠି ହୋଇଥିବାରୁ ସମସ୍ତେ ଅନେକ ଖୁସି ବ୍ୟକ୍ତ କରିଥିଲେ। ଏହି ବନ୍ଧୁମିଳନରେ ଦିଲିପ୍ ଦାସ୍, ରାଜୀବ ଶତପଥୀ ଓ ମାନସ ସାହୁ ଙ୍କ ଉଦ୍ୟମ ରେ ହୋଇଥିଲା। ଏଥିରେ ସୁବାସ ମହଲା, ମାନସ ଦାସ୍, ବନ୍ଦନା ଦାସ୍, କୈଳାଶ ଦାସଙ୍କ ସମେତ ବହୁ ବନ୍ଧୁମାନେ ଯୋଗଦେଇଥିଲେ ।

# ରାୟଗଡାରେ ୭୪ତମ ଗଣତନ୍ତ୍ର ଦିବସ ପାଳିତ

## ଶ୍ରେଷ୍ଠତମ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ : ଜିଲ୍ଲାପାଳ

ରାୟଗଡା : ରାୟଗଡା ଜିଲ୍ଲା ସଦର ମହକୁମାରେ ସରକାରୀ ଜମିର ଅଭାବ ହେତୁ ଅନେକ ଉନ୍ନତୀ ମୂଳକ କାମ ହୋଇ ପାରୁନଥିଲା । ଜୟପୁର ସୁଗାର କମ୍ପାନୀ ସହ ଦୀର୍ଘ ବର୍ଷର ଆଇନଗତ ଲଢେଇ ପରେ ୫୬୦ଏକର ଜମି ସରକାର ଖାତାକୁ ଫେରିଆସିଛି । ଆମ ଜିଲ୍ଲା ପାଇଁ ଏହା ଏକ ସଫଳତା । ଏହି ଫେରିଥିବା ଜମିରେ ବାକି ରହିଥିବା ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରିପାରିବା । ରାୟଗଡା ସହରକୁ ତଥା ଜିଲ୍ଲାକୁ ଏକ ନୂଆ ଦିଶା ତଥା ନିର୍ଦ୍ଦେଶ ଦେଇ ପାରିବା ବୋଲି ରାୟଗଡା ଜିଲ୍ଲା ସଦର ମହକୁମାର ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଆୟୋଜିତ ୭୪ତମ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରି ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇଥିଲେ ରାୟଗଡା ଜିଲ୍ଲାପାଳ ସ୍ୱାଧୀଦେବ ସିଂ । ରାୟଗଡା ଜିଲ୍ଲାର ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ବାସଗୃହ,ସାମାଜିକ ନ୍ୟାୟ ଆଦି କ୍ଷେତ୍ରରେ ବିଶେଷ ଦୃଷ୍ଟି ରଖି କାର୍ଯ୍ୟ କରୁଛନ୍ତି । ରାଜ୍ୟ ଖାଦ୍ୟ ନିରାପତା ଓ ଆହାର ଯୋଜନାରେ



ଅନେକ ଗରୀବ ଲୋକ ଉପକୃତ ହୋଇପାରିଛନ୍ତି । କୃଷକଙ୍କ ପାଇଁ ବିଭିନ୍ନ ଯୋଜନା ସହ ସାମ୍ବାଦିକଙ୍କ ପାଇଁ ବୀମା ଯୋଜନା, ଜନନୀ ସୁରକ୍ଷା ଯୋଜନା,ମମତା ଯୋଜନା,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା,ମଧୁବାବୁ ପେନସନ୍,କିନ୍ନରଙ୍କ ପାଇଁ ଯୋଜନା ସହ ସାମାଜିକ ସୁରକ୍ଷା କ୍ଷେତ୍ରରେ ସରକାର ଗୁରତ୍ୱ ଦେଇଛନ୍ତି ବୋଲି କହିଥିଲେ । ଏଥିସହ ରାୟଗଡାର ଆରାଧ ଦେବୀ ମା ମଝିଘରିଆଣୀଙ୍କ ମନ୍ଦିର ରେଳବାଇ ଜମିରେ ଅବସ୍ଥିତ ଥିବା ବେଳେ ଦୀର୍ଘ ବର୍ଷର ଉଦ୍ୟମ ପରେ ମାଙ୍କ ମନ୍ଦିର ପରିସରରେ ଥିବା ୬.୩୦ଏକର ଜମିକୁ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ରେଳବାଇ ବୋର୍ଡ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ମଧ କହିଥିଲେ । ରାଜସ୍ୱ ସେବାରେ ମଧ ରାୟଗଡା ଜିଲ୍ଲା ରାଜ୍ୟରେ ସୁନାମ ଆଣିପାରିଛି । ଜମିଜମା ରେକର୍ଡ କମ୍ପ୍ୟୁଟରାଇଜେସନ୍ କ୍ଷେତ୍ରରେ ଓଡିଶା ସାରା ଭାରତରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହି ସଫଳତା ପାଇଁ ନୂଆଦିଲ୍ଲୀ ଠାରେ ରାୟଗଡା ଜିଲ୍ଲାକୁ ମଧ ପୁରସ୍କାର କରାଯିବ । ସରକାରଙ୍କ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସରକାରୀ ଅଧିକାରୀଙ୍କ ଦାୟିତ୍ୱ ସହ ସମସ୍ତ ଜନସାଧାରଣଙ୍କ ସହଯୋଗ ନିହାତି ଆବଶ୍ୟକ ତେଣୁ ଆମ ଜିଲ୍ଲାକୁ ଶ୍ରେଷ୍ଠ ଜିଲ୍ଲାରୁ ଶ୍ରେଷ୍ଠତମ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କରନ୍ତୁ ବୋଲି ଜିଲ୍ଲାପାଳ ଅଭିଭାଷଣ ରଖିଥିଲେ ।ଏହିଁ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ମକରନ୍ଦ ମୁଦୁଲି, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ପ୍ରମୁଖ ଯୋଗଦାନ କରି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ଆଜି ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ପାଳନରେ ଅନୁଷ୍ଠିତ ପ୍ୟାରେଡରେ ୨୫ଟି ଟ୍ରୁପ୍ ସାମିଲ ହୋଇଥିବା ବେଳେ ୬ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପେରେଡ୍ ପ୍ରତିଯୋଗିତାରେ ରାୟଗଡ ମହାବିଦ୍ୟାଳୟର ସିନିୟର ଡିଭିଜନ ଉଭୟ ବାଳକ ଓ ବାଳିକା ଆର୍ମି ଉଇଙ୍ଗ, ଜୁନିୟର ଡିଭିଜନ ଏନସିସିରେ ଆର୍ମି ଉଇଙ୍ଗ ବାଳକ, ଜିସିଡି ଉଚ୍ଚବିଦ୍ୟାଳୟ ଓ ଆର୍ମି ଉଇଙ୍ଗ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରାୟଗଡ ।ୟୁଥ ରେଡ୍କ୍ରସରେ ରାୟଗଡ ମହାବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କନ୍ଧମାଳିଗାଁ,ଜୁନିଅର ରେଡ୍କ୍ରସରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାୟଗଡ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାୟଗଡ, ସେହିପରି ସିଭିଲିଆନରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର, ରାୟଗଡ ଏବଂ ଦୀପ୍ତି କନଭେଣ୍ଟ ରାୟଗଡ ଯଥାକ୍ରମେ ପ୍ରଥମ ଓ ଦିତୀୟ ସ୍ଥାନ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ ।

# 'କଳାମାଣିକ'ର ୩୧ତମ ଜନ୍ମଦିନ ସଂଖ୍ୟା ଲୋକାର୍ପିତ

ବରଗଡ : ମହତାବ ଶିଶୁ ସାହିତ୍ୟ ସଂସଦର ମୁଖପତ୍ର ଭାବରେ ପ୍ରକାଶ ପାଉଥିବା ଶିଶୁ କିଶୋର ସାହିତ୍ୟ ପତ୍ରିକା କଳାମାଣିକର ୩୧ତମ ଜନ୍ମଦିନ ସଂଖ୍ୟା ପବିତ୍ର ସରସ୍ୱତୀ ପୂଜା ଅବସରରେ ବରଗଡ ସ୍ଥିତ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଲୋକାର୍ପିତ ହୋଇଯାଇଛି । ପତ୍ରିକାର ସହ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ ଲୋକାର୍ପଣ ଉତ୍ସବରେ ବିଶିଷ୍ଟ କବି ଦିବ୍ୟ କିଶୋର ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତ୍ରିକା ର ୩୧ତମ ଜନ୍ମ ଦିନ ସଂଖ୍ୟା କୁ ଲୋକାର୍ପିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟିକ ମନୋରଞ୍ଜନ ମେହେର, ସାମ୍ବାଦିକ ଅଞ୍ଜନ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ ରଥ, ପତ୍ରିକା ର ମୁଖ୍ୟ ସମ୍ପାଦକ ଅଧ୍ୟାପକ ଗୋପାଳ କୃଷ୍ଣ ମିଶ୍ର, ସହ ସମ୍ପାଦକ ସୁପ୍ରଭା ସାମଲ, ହୈମବତୀ ମିଶ୍ରଙ୍କ



ସହ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ ପଣ୍ଡା, ମିନା ପଣ୍ଡା, ଭାବନା ସାହୁ, ଗୀତା ଜାଲ, ବବିତା ନାଏକ, ନିଳିମା ପ୍ରଧାନ, ଜ୍ୟୋସ୍ନା ତ୍ରିପାଠୀ ତପସ୍ୱିନୀ ତ୍ରିପାଠୀ ସୁନିତା ମିଶ୍ର, ନନ୍ଦିତା ସାହୁ, ସଂଜ୍ଞା ପ୍ରଧାନ, ସୁଧାଂଶୁ ସାହୁ, ଡାକ୍ତର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପତ୍ରିକାର ସମ୍ପାଦକ ଡକ୍ଟର ରବିନାରାୟଣ ସାହୁ ପତ୍ରିକା ସମ୍ପର୍କରେ ସୂଚନା ପ୍ରଦାନ କରି ୧୯୯୧ ମସିହାରୁ ପତ୍ରିକା ପ୍ରକାଶ ପାଇଥିଲା ବୋଲି ମତବ୍ୟକ୍ତ କରି , ପତ୍ରିକା ତରଫରୁ ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା କଥା ଉଲ୍ଲେଖ କରିଥିଲେ। ଚଳିତ ସଂଖ୍ୟାରେ ଦାଶ ବେନହୁର, ଡକ୍ଟର ନରେନ୍ଦ୍ର ପ୍ରସାଦ ଦାଶ, ଡକ୍ଟର ମନୀନ୍ଦ୍ର ମହାନ୍ତି, ଡକ୍ଟର ଶରତ କୁମାର ବିଶ୍ୱାଳ, ବଙ୍କିମ ଚନ୍ଦ୍ର ନାୟକ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସଗ୍ରାମ କେଶରୀ ପୃଷ୍ଟି ପ୍ରଭୃତି ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ମାନଙ୍କ ଲେଖା ପ୍ରକାଶିତ ହୋଇଛି।

# ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହେଲା ତୁଳସୀ ବଗିଚା

ନିମାପଡ଼ା, : ଜଗନ୍ନାଥ ମହାପ୍ରଭୁ ଙ୍କ ଅତି ପ୍ରିୟ ତୁଳସୀ। ମହାପ୍ରଭୂ ଙ୍କ ନିକଟରେ ତୁଳସୀ ଲାଗି ହେବା ଉଦ୍ଦେଶ୍ୟ ରଖି ନିମାପଡ଼ା ରେ ଏକ ତୁଳସୀଗଛ ର ବଗିଚା କରାଯାଇଛି । ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅରିଷଣ୍ଡ ପଞ୍ଚାୟତ ବାମଦେଇପୁର ଗ୍ରାମରେ ପୂଜା ପାଉଥିବା ଆର୍ତ୍ତତ୍ରାଣ ଗାଦିବ୍ରହ୍ମ ଠାକୁର ଙ୍କୁ କ୍ଷେତ୍ର ମୋହନ ଦାସ ପୂଜା କରିଆସୁଥିବା ବେଳେ ତାଙ୍କୁ ସ୍ୱପ୍ନାଦେଶ ହେଲା ତୁଳସୀ ବାଟିକା ନିର୍ମାଣ କରିବା ପାଇଁ ।ତେଣୁ ପ୍ରାୟ ଦଶ ଏକର ଜମିରେ ତୁଳସୀ ବାଟିକା ନିର୍ମାଣ କରାଯାଇଛି। ବିଭିନ୍ନ ଜିଲ୍ଲା ରୁ ଶ୍ରଦ୍ଧାଳୁ, ଭକ୍ତ,ଜଗନ୍ନାଥ ପ୍ରେମୀ ମାନେ ଆସି ଏହି ତୁଳସୀ ବାଟିକା ସ୍ଥାପନ କାର୍ଯ୍ୟ ରେ ଯୋଗଦାନ କରିଥିଲେ ।ଘଣ୍ଟ, ମାର୍ଦ୍ଦଳ ବାଜିବା ସହ ହରି ନାମ ରେ କମ୍ପି ଉଠିଥିଲା ଗାଦି ବ୍ରହ୍ମଙ୍କ ପୀଠସ୍ଥଳୀ। ହୋମ, ଯଜ୍ଞ ପରେ ତୁଳସୀ ଚାରା ରୋପଣ କରାଯାଇଥିଲା ।ଏହି ତୁଳସୀ କ୍ଷେତ୍ର ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କ ଲାଗି କରାଯାଇଛି ବୋଲି କହିଛନ୍ତି ପୂଜକ କ୍ଷେତ୍ର ମୋହନ ଦାସ ।

# ଦୁଃସ୍ଥ, ନିଷ୍ପେଷିତ ବାସଗୃହ ବିହୀନ ସମାଜସେବୀ

ଫିରିଙ୍ଗିଆ : କନ୍ଧମାଳ କିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡା ଗ୍ରାମ ପଞ୍ଚାୟତର ଜୟଲମ୍ବା ଗ୍ରାମର ଜତନ କହଁର ବୟଷ -୬୭ ବର୍ଷ। ବୃତିରେ ସମାଜ ସେବା । ଜେତେବେଳେ ତାଙ୍କୁ ୨୨ ବର୍ଷ ସେବେ ଠାରୁ ଲୋକଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରି ନିଜର ଭବିଶ୍ୟତ କଥା କି ଜୀବନ ଜିବିକା କେବେ ଚିନ୍ତା କରିନାହାନ୍ତି । ଦିର୍ଘ ୪୫ ବର୍ଷ ଧରି ସମାଜର ବିଭିନ୍ନ ଶ୍ରେଣିର ଲୋକଙ୍କ ପାଇଁ ସେବା କରି ଆସୁଛନ୍ତି । ଗ୍ରାମାଚଂଳରେ ଶିକ୍ଷା ,ସ୍ୱାସ୍ଥ୍ୟ , ଅନ୍ଧବିଶ୍ୱାସ ସଚେତନ ଦିଗରେ ଗାଁ ଗାଁ ବୁଲି କାମକରନ୍ତି । ଦିର୍ଘଦିନ ଚାଲି ଚାଲି ବୁଲି ସମାଜ କାମ କରୁଥିବା ପରିପେକ୍ଷିରେ ତାଙ୍କର ଆଜିର ଉନ୍ନତି କହିଲେ ସେକେଣ୍ଡହେଣ୍ଡ ସାଇକେଲଟିଏ । ତାଙ୍କର ଜୀବନ କାଳ ମଧ୍ୟରେ କାମ କରୁଥିବା ଅବସ୍ଥାରେ ଯେଉଁଠି ରାତ୍ର ହୁଏ ସେଇଟା ତାଙ୍କ ର ଅଶ୍ରୟ ସ୍ଥଳି । ୪୫ ବର୍ଷର ସମାଜ ସେବା ଯାତ୍ରାରେ ନିଜର ମୁଣ୍ଡ ଜୁଞ୍ଜିବାକୁ କୁଡିଆ ଟିଏ ନାହିଁ । କାମ କରିବା



ଭିତରେ ଯେଉଁଗାଁରେ ରାତ୍ର ହୁଏ ସେହି ଗାଁରେ ମଣ୍ଡପ ତାଙ୍କ ର ରାତ୍ର ଜାପନର ଆଶ୍ରୟ ସ୍ଥଳି । ଖାଇବା ଲୋକଙ୍କ ଦାନ କିମ୍ବା କିଛି ସ୍ୱେଛାସେବୀ ସାଗଂଠନର ରେମୁନେସନ ଚଳିଜାଉଥିଲେ । ତାଙ୍କ ଜୀବନ ରେ କାମ ଆରମ୍ଭ କରନ୍ତି ନିଜେ ଗଠନ କରନ୍ତି ନବୋଦୟ ଯୁବକସଂଘ ଓ ଯୁବକ ସଂଘ ଦ୍ୱାରା ନିଜ ଗାଁର ପୁର୍ଣିର୍ମାଣ କାମରେ ଲାଗି ପଡିଥିଲେ ତାଙ୍କର ଯୁବକ ଅବସ୍ଥାରେ । ପରବର୍ତି ଟାଗୋର ସୋସାଇଟି ଫର ରୁରାର ଡେଭଲ୍ପମେଣ୍ଟ ରେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଗ୍ରାମ ବୁଲି ବୁଲି ସମାଜ କାମ କରି ଛନ୍ତି । ପରବର୍ତି ସଂଗଠନ ତାଙ୍କର ଅଗ୍ରଗାମୀ ରେବି ବହୁତ ଦିନ ଲୋକଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ଆରସ୍ମିନି ସ୍ୱେଛାସେବୀ ସଂଗଠନରେ ମହିଳା ମାନଙ୍କର କୋଠ ପାଣ୍ଠି ଆନିର୍ଭରଶିଳ ଉପରେବି କାକ କରି ଛନ୍ତି । ଦିର୍ଘ ୪୫ ବର୍ଷର ସମାଜ ସେବା କରିବାପରେ କୁଇ ସମାଜର ବି ଜଣେ ସଚେତକ ସାମାଜିକ କର୍ମି ।"ବହୁତ ଲୋକଙ୍କର ସେବା ଥଇଥାନ ସଚେତନ , କରିକରି ସେ ନିଜକୁ ଭୁଲି ଜାଇଛନ୍ତି । ଆଜି ଜାଜୀର୍ଣ ଅବସ୍ଥାରେ ତାଙ୍କ ପାଖରେ ମୁଣ୍ଡଗୁଞ୍ଜିବାକୁ ଗୃହ ଖଣ୍ଡେ ନାହିଁ କି ବାର୍ଦ୍ଧକ୍ୟ ଭତା ବ୍ୟତିତ ନିଜର ବୋଲି କିଛି ନାହିଁ ! ସେତେବେଳେ ବାହାରେବୁଲି କାମ କରି ପାରୁଥିଲେ ବୋଲି ଗ୍ରାମ ବିଭିନ୍ନ ଗ୍ରାମର ଗ୍ରାମ ମଣ୍ଡପ ତାଙ୍କର ରାତ୍ର ଆଶ୍ରୟ ସ୍ଥଳି ଥିଲା । ଅଜି ଲୋକଙ୍କ ବାରଣ୍ଡା ଆଶ୍ରୟ ସ୍ଥଳି । ସ୍ୱାଧିନତାର ୭୪ ବର୍ଷପରେବି ଗୃହ ଖଣ୍ଡେନ ପାଇ ଜଣେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସମାଜ ସେବୀ ଫୁଟ୍ ପାଥ କିମ୍ବା କାହା ବାରଣ୍ଡାରେ ମୃତ୍ୟ କରିବାକୁ ଅପେକ୍ଷା ।

# ଅତିବଡୀ ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଓ ତରୁଣ କବି ଦାମୋଦର ପରିଡାଙ୍କ ଜନ୍ମଦିନ ପାଳିତ

ବ୍ରହ୍ମଗିରି : ପୂଜ୍ୟପୂଜା ପରିଷଦ ବ୍ରହ୍ମଗିରି ଓ ପୁରୀ ଆନୁକୁଲ୍ୟରେ ନବାକ୍ଷରୀ ଓଡିଆ ଭାଗବତ ରଚୟିତା ପୂଣ୍ୟାତ୍ମା ଅତିବଡୀ ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ସମାରୋହରେ ପାଳିତ ହୋଇଛି। ଭୀମେଶ୍ୱର ଦେବଙ୍କ ପୀଠରେ କାର୍ଯ୍ୟକ୍ରମ ପାଳିତ ହୋଇ ଥିବା ବେଳେ ତରୁଣ କବି ଦାମୋଦର ପରିଡାଙ୍କ ଜନ୍ମ ଜୟନ୍ତୀ ମଧ୍ୟ ପାଳିତ ହୋଇଥିଲା। ବିଭିନ୍ନ ସାହିତ୍ୟିକ, କବି, ଗବେଷକ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିବଡୀଙ୍କ ଜୀବନୀ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଜଗନ୍ନାଥଙ୍କ ସେବକ ଡ.ସିଦ୍ଧେଶ୍ୱର ମହାପାତ୍ର, ଡ. ପ୍ରମୋଦ ଆଚାର୍ଯ୍ୟ, ଗବେଷକ ନିଳମଣୀ ସୁଆର, ଗବେଷକ ତଥା ପ୍ରବଚକ ବିଭୁଦାସ ଭିକାରୀ ଚରଣ ଜେନା, ଭାଗିରଥୀ ଦଳାଇ, ଆଲୋକ ପ୍ରଧାନ, ଧର୍ମପଦ ପଲାଇ, ଗୁଣନିଧି ବରାଳ, ପାଲା ଗାୟକ ରବିନ୍ଦ୍ର କୁମାର ପ୍ରଧାନ, କବି ସୁଶାନ୍ତ ଜେନା, ପ୍ରଫୁଲ୍ଲ କୁମାର ଜେନା, କାଶିନାଥ ନାୟକ, ଅଭିମନ୍ୟୁ ଜେନା, ଅଜୟ ପଲାଇଙ୍କ ସମେତ ଅନେକ କବି, ଗବେଷକ ଯୋଗ ଦେଇଥିଲେ। ଅତିବଡୀଙ୍କ ଭାଗବତ ଗ୍ରନ୍ଥ ଉପରେ ଆଲୋକପାତ କରାଯାଇ ଏହି ଗ୍ରନ୍ଥ ଓଡିଆ ଜନଜୀବନର ବେଦ ବୋଲି ବକ୍ତା ମାନେ ପ୍ରତିପାଦନ କରିଥିଲେ। ଅନ୍ୟ ପକ୍ଷରେ ଏହି ପୂଣ୍ୟ ତିଥିରେ ତରୁଣ କବି ଦାମୋଦର ପରିଡାଙ୍କ ଜନ୍ମ ଜୟନ୍ତୀ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର କଲମ ଚାଳନାରେ ସମାଜପାଇଁ ଉଦ୍ଦିଷ୍ଟ କବିତା ପଠନ କରାଯାଇ ତାଙ୍କର ନିରୋଗ ଜୀବନ କାମନା କରାଯାଇଥିଲା।

# ଚନ୍ଦ୍ରାଦେଇପୁର ପଞ୍ଚାୟତ କଲ୍ୟାଣ ମଣ୍ଡପର ଶୁଭ ଶିଳାନ୍ୟାସ

ସାଲେପୁର : ପବିତ୍ର ଗଣତନ୍ତ୍ର ଦିବସ ଅବସରରେ ଚନ୍ଦ୍ରାଦେଇପୁର ପଞ୍ଚାୟତର ତ୍ରିନାଥ ପଡ଼ିଆରେ ପଞ୍ଚାୟତ କଲ୍ୟାଣ ମଣ୍ଡପର ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କଲ୍ୟାଣ ମଣ୍ଡପର ବିଧିବଦ୍ଧ ଶୁଭ ଶିଳାନ୍ୟାସ ସ୍ଥାନୀୟ ସରପଞ୍ଚ ରଶ୍ମିତା ଦାସ କରିଥିବା ଜଣାଯାଇଛି। ଏହି ମଣ୍ଡପ ନିର୍ମାଣ ହେଲେ ପଞ୍ଚାୟତର ବହୁ ଗରିବ ଶ୍ରେଣୀର ବ୍ୟକ୍ତି କମ୍ ଅର୍ଥ ବ୍ୟୟରେ ନିଜର ବିବାହ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ କରିପାରିବେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଜଗବନ୍ଧୁ ସାହୁ, ୱାର୍ଡସଭ୍ୟା କନକଲତା ସିଂହ, ସବିତା ସାହୁ, ରାଜଲକ୍ଷ୍ମୀ ଦାସ, ସୁନିଲ କୁମାର ଭୂୟାଁ, ଅନିତା ଭୋଇ, କ୍ଷୀରୋଦ ସାମଲ, ଦୀପା କାଣ୍ଡି, କାଲୁ ବାବୁ, ମନୋରଂଜନ ଭୂୟାଁ, ସଖିନା ଭୋଇ, ଟୁକୁନା ଦାସ, ରାଜକିଶୋର ମୁଦୁଲି, କାହ୍ନୁଆ ସାମଲ, ସୁଷମା ବେହେରା, ତପନ କୁମାର ଭୂୟାଁ, ସରୋଜ କୁମାର କର, ଧ୍ରୁବଚରଣ ମୁଦୁଲି, ବସନ୍ତ ବେହେରା, ଆଲୋକ ଭୂୟାଁ, ସନ୍ତୋଷ କୁମାର ଭୂୟାଁ, ଅକ୍ଷୟ କୁମାର ବେହେରା, ଅସିତ୍ କର ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକୁ ପରିଚାଳନା କରିଥିବାବେଳେ ପଞ୍ଚାୟତର ବହୁ ଗ୍ରାମବାସୀ ଓ ମହିଳାମାନେ ଉପସ୍ଥିତ ଥିଲେ।

# ପ୍ରଶାସନ ଶୁଣିଲାନି, ଗାଁ ଲୋକେ କାଢିଲେ ଦଳ

ବ୍ରହ୍ମଗିରି : ଚଳିତ ବର୍ଷ ରବିଋତୁ ଧାନ ଫସଲ ପାଇଁ ପାଣି ନଥିବାରୁ ଚାଷ ଜମି ଫାଟିବାରେ ଲାଗିଲାଣି। ଅଣ୍ୟ ପକ୍ଷରେ ନଦୀରେ ପାଣି ଆସୁଥିବା ଖବର ପାଇ ଚାଷୀ ମନରେ ଆନନ୍ଦ ଉପୁଜିବା କଥା ହେଲେ ସମସ୍ତଙ୍କ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି। ଭାର୍ଗବୀ, ରତ୍ନଚିରା, ଲୁଣା ନଦୀ ସମେତ ବକ୍ୱିକାଣିଆ, ଦକ୍ଷୀଣ କାଣିଆ ଓ ସମସ୍ତ କେନାଲରେ କଳିକତି ଦଳ ଭର୍ତି ହୋଇଥିବାରୁ ପାଣି ଚାଷଜମୀରେ ପହଞ୍ଚିବା କଷ୍ଟ ହୋଇପଡିଛି। ନଦୀ, କେନାଲ ଓ କାଣିଆ ମାନଙ୍କରୁ ଦଳ ସଫା କରିବା ପାଇଁ ବାରମ୍ବାର ଚାଷୀ ମାନଙ୍କ ପକ୍ଷରୁ ଗୁହାରୀ କରାଉଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହି। ତେବେ ଧାନ ଜମୀକୁ ବଞ୍ଚାଇ ରଖିବା ପାଇଁ ବକ୍ୱି କାଣିଆ ଚତୁଃପାର୍ଶ୍ୱରେ ଥିବା ଚାଷୀ ମାନେ ନିଜେ ଦଳ ସଫା କରିବାକୁ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି। ତେବେ ଆଜି ବଡବେଣାକୁଦୀ, ମୁଦିରଥ, ମାଛିଆ ଦିଆଣ୍ଡି, ବରପଦା, ଦେନଇ, ଗଡରୋଡଙ୍ଗ, ବାଲିସାହି ଇତ୍ୟାଦି ଗାଁର ଚାଷୀ ମାନେ ଏକଜୁଟ ହୋଇ କାଣିଆରୁ ଦଳ ସଫା କରିଥିବା ଦେଖିବାକୁ ମିଳିଛି।

# ରାୟଗଡ଼ା ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ

ରାୟଗଡ଼ା :ରାୟଗଡ଼ା ଆଜାଦ ହିନ୍ଦ ୟୁଥ୍ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଆଜାଦ ହିନ୍ଦ ୟୁଥ୍ ଆସୋସିଏସନ୍ ପରିସରରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମ ଦିନର କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ଏନ ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବାଷ ଚନ୍ଦ୍ର ବୋଷଙ୍କ ୬ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତିକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଡା.ଦୁଷ୍ମନ୍ତ କୁମାର ମହାନ୍ତି ଏବଂ କ୍ଲବର ଶତାଧିକ ଯୁବକ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରାର ଅନୁଷ୍ଠିତ ହୋଇଥିଲା । ନଗର ପରିକ୍ରମା ପରେ ଛାତ୍ରୀଛାତ୍ରଙ୍କୁ ଭାସ୍କର ରାଓ ଚକୋଲେଟ ବଂଟନ କରିଥିଲେ । ସେହିଭଳି କ୍ଲବ ପକ୍ଷରୁ ସନ୍ଧ୍ୟାରେ ନେତାଜୀଙ୍କ ଜୀବନ ଏବଂ ମିଶନ ଉପରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଏସପି ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କୁ ଆଜୀବନୀ



ଉପରେ ଆଲୋକପାତ କରିଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ଏନ ଭାସ୍କର ରାଓ, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଏଏସପି ରାଜ ପ୍ରସାଦ, ଅବସରପ୍ରାପ୍ତ ଅଧ୍ୟାପକ ଦୁଷ୍ମନ୍ତ କୁମାର ମହାନ୍ତି, ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସୋସିଏସନର ସଭାପତି ପ୍ରଦୀପ କୁମାର ମହାପାତ୍ର ଏବଂ ସଂପାଦକ ବିନାୟକ କର ପରିଚାଳନା କରିଥିଲେ । ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ ଆଜାଦ ହିନ୍ଦ ୟୁଥ ଆସୋସିଏସନ ପକ୍ଷରୁ ୨୩ ଓ ୨୪ତାରିଖରେ ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ରହିଥିବା ବେଳେ ଦ୍ୱିତୀୟ ଦିନ ସନ୍ଧ୍ୟାରେ ହ୍ୟୁମାନ ସାଗର ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବା ନେଇ ବିଶେଷ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।ଦର୍ଶକଙ୍କ ଆକର୍ଷଣ ପାଇଁ ମଞ୍ଚରେ ପହଂଚିଛନ୍ତି ହ୍ୟୁମାନ ସାଗର। ସେ ଆସିବା ମାତ୍ରେ ସେଠାରେ ଉପସ୍ଥିତ ଦର୍ଶକଙ୍କ ମନ କିଣି ନେଇଛନ୍ତି। ହ୍ୟୁମାନ ଏବଂ ତାଙ୍କ ଟିମ ଦର୍ଶକଙ୍କ ମନୋରଞ୍ଜନ ପାଇଁ ନିଜର ମନଛୁଆଁ କଳା ପ୍ରଦର୍ଶନ କରିଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ଆଜାଦ ହିନ୍ଦ ଆସୋସିଏସନର ସମସ୍ତ କର୍ମକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

# ରାୟଗଡ଼ା ସର୍ବୋଦୟ ନେତା ଜୟରାମ ଜେନାଙ୍କ ପରଲୋକ

ରାୟଗଡ଼ା : ସର୍ବୋଦୟ ନେତା ଜୟରାମ ଜେନାଙ୍କ ପରଲୋକ ଘଟିଛି। ୮୬ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଜେନା ଗତ ୨୦୨୦ ମସିହାରେ କରୋନାରେ ଆକ୍ରାନ୍ତ ହେବା ପରେ ଦୁର୍ବଳ ହୋଇଯାଇଥିଲେ। ସେବେଠାରୁ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇଥିଲେ। କିଛି ଦିନ ପୂର୍ବେ କଟକ ଠାରେ ଚିକିତ୍ସିତ ହୋଇଥିଲେ। ତଥାପି ରୋଗାକ୍ରାନ୍ତ ହୋଇ ପଡ଼ିଥିଲେ। ଆଜି ତାଙ୍କର ନିଜ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ଘରକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସୁଅ ଛୁଟିଥିଲା। ସ୍ୱର୍ଗତ ଜେନାଙ୍କ ଶେଷ ଦର୍ଶନ କରିଥିଲେ ଅନେକ ଆଇନଜୀବୀ, ବୁଦ୍ଧିଜୀବି, ସାମ୍ବାଦିକ, ବ୍ୟବସାୟୀ ଓ ରାଜନେତା। ପ୍ରକାଶଥାଉ କି, ସ୍ୱର୍ଗତ ଜେନା ନିଜ ଜୀବନ କାଳରେ ସର୍ବଦା ସମାଜର କଲ୍ୟାଣ ପାଇଁ ଚିନ୍ତା କରୁଥିଲେ। ମୁଖ୍ୟତଃ ସମାଜର ଅବହେଳିତ ଲୋକଙ୍କ ପାଇଁ ସଂଗ୍ରାମ କରିବା ସହିତ ସେମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ



ସାମିଲ କରିବା ପାଇଁ ଚେଷ୍ଟା କରିଥିଲେ। ବିନୋବା ଭାବେ ଓ ମାହାା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକସେବା ନିଜର ଧର୍ମ ବୋଲି ଗ୍ରହଣ କରିଥିଲେ। ଭୁଦାନ ଓ ଅହିଂସା ଆନ୍ଦୋଳନ ସାମିଲ ମଧ ହୋଇଥିଲେ। ରାୟଗଡ଼ା ଠାରେ ଅନାଥ ପିଲାଙ୍କ ଥଇଥାନ ପାଇଁ ସେବା ସମାଜ ପରିଚାଳନା କରୁଥିଲେ। ଏଭଳିକି ରାୟଗଡ଼ା ଜିଲ୍ଲାରେ ମାଓବାଦୀଙ୍କ ସହିତ ଆଲୋଚନା କରିବା ପାଇଁ ମଧ ଯାଇଥିଲେ। ତାଙ୍କର ବିୟୋଗ ଶୋକର ଛାୟା ଖେଳାଇଛି।

# ସୋର୍ଲୁକୋଣ୍ଡା ବ୍ୟାରେଜ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ, ଉଦ୍ଧାର କଲା ପୋଲିସ

ବାଲିମେଳା, : ମାଲକାନଗିରି ଜିଲ୍ଲା ବାଲିମେଳା ସହର ଠାରୁ ୭କିମି ଦୂରରେ ଥିବା ପଟେରୁ ଜଳସେଚନ ବିଭାଗର ସୋର୍ଲୁକୋଣ୍ଡା ବାରେଜ ଠାରୁ ଗମ୍ପାକୋଣ୍ଡା ପ୍ରାୟ ୫୦୦ମିଟର ଦୂର ତଥା ଗମ୍ପାକୋଣ୍ଡା କେନାଲ ଭାସୁଥିବା ଜଣେ ଅଜଣା ବ୍ୟକ୍ତି ମୃତ୍ୟୁ ଶରୀର କୁ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଓର୍କେଲ ଥାନା ଅଧିକାରୀ ଜନ କୁଜୁର ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ପହ ମୃତ୍ୟୁ ବ୍ୟକ୍ତି ଶରୀର ଉଦ୍ଧାର କରିଛନ୍ତି ।ତେବେ ମୃତ ବ୍ୟକ୍ତି ଜଣକ କିଏ ଏବଂ କେଉଁ କାରଣରୁ ମୃତ୍ୟୁ ହୋଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି ।ଏହି ଘଟଣା ର ଚଳାଇଛି ପୋଲିସ ।ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ପୋଲିସ ଏକ ଟିମ ସୋର୍ଲୁକୋଣ୍ଡା ବାରେଜ ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ଏକ ମୋଟର ସାଇକେଲ ଭଗ୍ନ ଅବସ୍ଥାରେ ଆଜି ଶବ ଉଦ୍ଧାର ହୋଇଥିବା ସ୍ଥାନ ରେ ପଡିରହିଥିବା ଉକ୍ତ ସ୍ଥାନରେ କାହାରିକୁ ନପାଇବାରୁ ଗାଡି ଟିକୁ ଜବତ କରିଥିଲେ ।ଆଜି ବାଇକ ଉଦ୍ଧାର ପରେ ବାଇକ ଟି ଉକ୍ତ ବ୍ୟକ୍ତି ଙ୍କର ବୋଲି ସନ୍ଦେହ କରି ତଦନ୍ତ ଜାରୀ ରଖିଛନ୍ତି।

# କୁଇ ଭାଷା ସାହିତ୍ୟ ରାଜ୍ୟସ୍ତରୀୟ ସମ୍ମିଳନୀ ଓ କବିତା ପାଠ

କନ୍ଧମାଳ : କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା -୨୦୨୩ ଉପଲକ୍ଷେ କୁଇ ଭାଷା ସାହିତ୍ୟ କର୍ମଶାଳା ଓ କୁଇ କବିତା ପାଠୋତ୍ସବ ଏବଂ ଆଲୋଚନାଚକ୍ର ଆଇଟିଡିଏ, ଫୁଲବାଣୀ ସଭାଗୃହ ଠାରେ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ କୁଇ ଭାଷାର ପ୍ରଚାର ପ୍ରସାର ସମ୍ବନ୍ଧରେ ଆଲୋଚନାଚକ୍ର ଜିଲ୍ଲା ଶିକ୍ଷା ଅଧିକାରୀ, କନ୍ଧମାଳ, ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। କୁଇ କବି ନରତୋମ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ତଥା ଗବେଷକ ଡଃ. ପରମାନନ୍ଦ ପଟେଲ୍, ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରି କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଛେଦରେ ସ୍ଥାନୀତ କରିବା ପାଇଁ ବିଭିନ୍ନ ସରକାରୀ ବିଧି ବିଧାନ ଏବଂ କୁଇ ସାହିତ୍ୟର ରୂପରେଖ ଉପରେ ଆଲୋଚନା କରିଥିଲେ। ଆବାହକ ନରେଶ ଚନ୍ଦ୍ର ଶବର, ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଫୁଲବାଣୀ ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଡା. ନୀରଦ ଚନ୍ଦ୍ର କହଁର କୁଇ ଭାଷାର ପ୍ରଚାର ଓ ପ୍ରସାର ବେସରକାରୀ ତଥା ସରକାରୀ ସ୍ତରରେ ଉଦ୍ୟମ ହେବା ପାଇଁ ଧାନ ଆକର୍ଷଣ କରିଥିଲେ। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଭାକର ପ୍ରଧାନ କୁଇ ଭାଷା ଅନ୍ୟମାନଙ୍କ ଦ୍ୱାରା କେଉଁଭଳି ପ୍ରଭାବିତ ହେଲା ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଭାସ୍କର ପ୍ରଧାନ କୁଇ ମନ୍ତ୍ର, କୁଇ ବିଧି ବିଧାନ ଗୁଡ଼ିକ ପୁସ୍ତକ ଆକାରରେ ସଂରକ୍ଷଣ କରିବା ପାଇଁ ମତ ରଖିଥିଲେ। ଲମ୍ବୋଦର କହଁର କୁଇ ଭାଷାରେ କଥାବାର୍ତା ହେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ସଦାଶିବ ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ କୁଇ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ସମସ୍ତଙ୍କର ଭୂମିକା ରହିଛି ବୋଲି ମତ ପ୍ରକାଶ କରିଥିଲେ।ଦ୍ୱିତୀୟ ଅଧିବେଶନ କୁଇ କବିତା ପାଠୋତ୍ସବ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅପରାହ୍ନ ୩ଟା ସମୟରେ ଦୀନବନ୍ଧୁ କହଁରଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା ଏବଂ ସଂଧ୍ୟା ୬ଟାରେ ସମାପ୍ତ ହୋଇଥିଲା। ଏଠାରେ ଅବସରପ୍ରାପ୍ତ ଅତିରିକ୍ତ କମିଶନର କୁମୁଦ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ଶିକ୍ଷା ଅଧିକାରୀ, ଡାକ୍ତର ନୀରଦ ଚନ୍ଦ୍ର କହଁର, ଲମ୍ବୋଦର କହଁର, ବିଜୟ କୃଷ୍ଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଭ୍ୟ ସଦାଶିବ ପାତ୍ର ମଂଚାସୀନ ଥିଲେ। ୩୦ ଜଣରୁ ଉର୍ଦ୍ଧ୍ୱ କୁଇ କବି ବିଭିନ୍ନ ସ୍ୱାଦର କବିତା ଆବୃତି କରିଥିଲେ। ଖଞ୍ଜଣୀ ବାଦ୍ୟର ତାଳେ ତାଳେ ଭାବଗର୍ଭକ ନବରସର କୁଇ କବିତା ସମସ୍ତ ଶ୍ରୋତାଙ୍କୁ ବିମୋହିତ କରି ବାନ୍ଧି ରଖିଥିଲା । କୁଇ କବି ସୁଦର୍ଶନ କହଁର, ବଳି କହଁର, ଭୃଙ୍ଗରାଜ କହଁର, ଈଶ୍ୱର ମିଣ୍ୟାକା(କୋଲରାପୁଟ), ବୁଲୁ ହିକାକା(କୋରାପୁଟ), କରିଥିଲେ। ନରତୋମ ପ୍ରଧାନ ଓ ଏସିଆ କହଁର ମଂଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଇଂ. ଅବନୀ କୁମାର କହଁର ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ଦିନ ତଳେ ଘରୋଇ ମେସ୍‌ରୁ ନିଖୋଜ ହୋଇଥିବା ଫାର୍ମାସୀ ଛାତ୍ରର ଗଳିତ ମୃତ ଦେହ ନଦୀପାଣିରୁ ଉଦ୍ଧାର

ସାଲେପୁର : ଚାରିଦିନ ତଳେ ନିଖୋଜ ହୋଇଥିବା ଫାର୍ମାସୀ ଛାତ୍ରଙ୍କ ଗଳିତ ମୃତଦେହ ସାଲେପୁର ଚିତ୍ରୋତ୍ପଳା ନଦୀର କୋଲଣପୁର ପଠା ନିକଟରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ ସାଲେପୁର ଫାର୍ମାସୀ କଲେଜର ବି.ଫାର୍ମା ଶେଷବର୍ଷ ଛାତ୍ର ତଥା ଯାଜପୁର ଜିଲ୍ଲା ମାଳିପୁର ବିଞ୍ଝାରପୁର ଅଞ୍ଚଳର ଶୁଭଙ୍କର ପଣ୍ଡା(୨୩) ଏକ ଘରୋଇ ମେସ୍‌ରୁ ଗତ ୪ଦିନ ତଳେ ରାତି ୧୧ଟାରେ କୁଆଡେ ନିଖୋଜ ହୋଇଯାଇଥିବା ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଥିବାବେଳେ ଆଜି ଚିତ୍ରୋତ୍ପଳା ନଦୀପଠା କୋଲଣପୁର ନିକଟରେ ଜଣେ ଯୁବକର ମୃତ ଦେହ ଲାଗିଥିବାର ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ମୃତ ଦେହଟି ସଂପୂର୍ଣ୍ଣ ପଚିସଢ଼ି ଯାଇଥିବାରୁ ମୃତ ଦେହଟି କାହାର ଜଣାପଡୁନଥିବାବେଳେ ପ୍ୟାଣ୍ଟ୍ ଓ ସାର୍ଟ ଓ ପଇତାରୁ ନିଖୋଜ ଛାତ୍ରର ମୃତ ଦେହ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବାବେଳେ ଆଜି ସନ୍ଧ୍ୟାରେ ମୃତ ଛାତ୍ରଙ୍କ ପରିବାର ଲୋକେ ପହଞ୍ଚି ଏହି ଶବଟି ତାଙ୍କ ପୁଅର ବୋଲି ଚିହ୍ନଟ କରିଥିବା ଶୁଣାଯାଉଛି। ଅପର ପକ୍ଷରେ ସାଲେପୁର ପୁଲିସ ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ପୁଲିସ ଏହି ଘଟଣାର ନୀରପେକ୍ଷ ତଦନ୍ତ କଲେ ଏହି ମୃତ ଦେହ କାହାର ଓ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଗଣତନ୍ତ୍ର ଦିବସରେ ଜନତାଙ୍କୁ ବାସନ୍ଦ, ଜାତୀୟ ପତାକାକୁ ଅପମାନ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦର ମହକୁମା ଫିରିଙ୍ଗିଆ ସର୍ବସାଧାରଣ ଙ୍କ ପାଇଁ ଉଦ୍ଦିଷ୍ଟ ଖେଳପଡିଆ ରେ ହୋଇ ପାରିନି ଗଣତନ୍ତ୍ର ଦିବସ ପାଳନ । ଆଜକୁ ବ୍ଲକ ଗଠନ ହେବା ଦିନଠାରୁ ଉକ୍ତ ଖେଳପଡିଆ ରେ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ପାଳନ ହୋଇଆସୁଥିବା ବେଳେ ଚଳିତ ବର୍ଷ ଗଣତନ୍ତ୍ର ଦିବସ ବାତିଲ କରିବାକୁ ନେଇ ସ୍ଥାନୀୟ ଜନତା ପ୍ରକାଶ କରିଛନ୍ତି । ଏହା ଜାତୀୟ ପତାକା ପ୍ରତି ଘୋର ଅପମାନ ଓ ଅବମାନନା ହୋଇ ଥିବା କେତେ ଜଣ ଜନ ପ୍ରତିନିଧି ପ୍ରତିକ୍ରିୟା ଦେଇଛନ୍ତି ।ବିଶ୍ ମହାମାରୀ କରୋନାର କରାଳ ସଂକ୍ରମଣ ସମୟରେ ମଧ ସମିତି କିଛି ଲୋକ ଙ୍କୁ ନେଇ ଉକ୍ତ ସ୍ଥାନରେ ସମସ୍ତ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ପ୍ରତ୍ୟେକ ବର୍ଷ ଫିରିଙ୍ଗିଆ ଆଖପାଖ ଅଞ୍ଚଳର ପ୍ରାୟ ୨୫/୩୦ ଗୋଟି ବିଦ୍ୟାଳୟ ର ସହସହ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ରେ ଭାଗନେଇ ବିଭିନ୍ନ ପ୍ରକାର ଖେଳ କୁଦ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ଦେଶାକ ବୋଧ ସଙ୍ଗୀତ ଗାନ କରି ନାଟକ ମାଧ୍ୟମରେ ପରିବେଷଣ କରି ପୁରସ୍କୃତ ହେଉଥିଲେ । ଏଠାକାର ସମସ୍ତ ସରକାରୀ କାର୍ଯ୍ୟାଳୟ କର୍ମଚାରୀ ବେସରକାରୀ କର୍ମଚାରୀ ଓ ସାଧାରଣ ଜନତା ହଜାର ହଜାର ସଂଖ୍ୟାରେ ଯୋଗଦେଇ ଥିଲେ । ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ର ଆୟୋଜନ କରାଯାଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଏକ ପର୍ବ ପାଳନ କରାଯାଇ ଆସୁଥିଲା । ଚଳିତ ବର୍ଷ କେଉଁ କାରଣ ପାଇଁ ବାତିଲ କରାଗଲା ବୋଲି ଜନସାଧାରଣ ପ୍ରତିବାଦ ଜଣାଇଛନ୍ତି । ପୂର୍ବ ବର୍ଷ ମାନଙ୍କରେ ବ୍ଲକ କାର୍ଯ୍ୟାଳୟ ତରଫରୁ ଦୁଇ ଗୋଟି ଉତ୍ସବ ପାଳନ କରିବାର ସମସ୍ତ ଦାୟିତ୍ୱ ବହନ କରି ପାଳନ କରି ଆସୁଥିବା ବେଳେ କାହିଁକି ବାତିଲ କରାଗଲା । ତାହାର ସଠିକ୍ ଉତ୍ତର କାହାରି ପାଖରେ ନାହିଁ । ଗଣତନ୍ତ୍ର ଦିବସ ବାତିଲ ଘଟଣା ସମ୍ବନ୍ଦରେ ଜାଣିବାକୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ଯୋଗାଯୋଗ ହୋଇ ପାରିଲା ନାହିଁ । ସ୍ଥାନୀୟ ଦୁର୍ବଳ ଜନପ୍ରତିନିଧି ମାନଙ୍କର ଅନଭିଜ୍ଞତା ଓ ପ୍ରଶାସନିକ ବେଖାତିରି ମନୋଭାବ ଏବଂ ସାଧାରଣ ଜନତାକୁ ହେୟନ କରି ଏଭଳି ଯୁଗାନ୍ତକାରୀ ପର୍ବ କୁ ବାତିଲ କରାଯାଇଥିବା ଜଣାପଡିଛି । କାହାର ଇଙ୍ଗିତରେ ଗଣତନ୍ତ୍ର ଦିବସ ପାଳନ କରାଯାଇ ପାରିନାହିଁ । ଜାତୀୟ ପତାକା ଅପମାନ ଓ ଅବମାନନା କରାଯାଇଛି । ତଦନ୍ତ କରି ଯଥାଶ୍ରୀଘ ଦୃଢ଼ ପ୍ରଦେକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି ।

